ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us:

ବର୍ଷ-୬ | ସଂଖ୍ୟା-୫୪ | ଶନିବାର | ୧୭ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-54 | Saturday | 17 May 2025 | Bhubaneswar | Pages-8 | Rs. 2.00

## ମୋହନ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବର ଅତିଥି ହେବେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ !



ଭୁବନେଶ୍ୱର, ୧୬।୫ (ଡିକେ ନ୍ୟୁଜ୍): ଆସନ୍ତା ଜୁନ୍ ୧୨ ତାରିଖରେ ଓଡ଼ିଶାର ମୋହନ ମାଝୀଙ୍କ ବିଜେପି ସରକାର କ୍ଷମତାରେ ଏକ ବର୍ଷ ପୂରଣ କରିବ। ଓଡ଼ିଶାରେ ଏହା ହେଉଛି ବିଜେପିର ପ୍ରଥମ ସରକାର। ସରକାରର ପ୍ରଥମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଜୁନ୍ ୧୨ ତାରିଖରୁ ଜୁନ୍ ୧୯ ତାରିଖ ଯାଏଁ ସପ୍ତାହ ବ୍ୟାପୀ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓଡ଼ିଶା ଗସ୍ତରେ ଆସିପାରନ୍ତି ବୋଲି ସୂଚନା ପ୍ରଦାନ କରିଛନ୍ତି ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ରାଜସ୍ୱ ମନ୍ତ୍ରୀ ପୂଜାରୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓଡ଼ିଶା ସରକାରଙ୍କ ସହିତ ସଂପର୍କରେ ଅଛନ୍ତି। ରାଜ୍ୟ ବିଜେପି ସରକାରର ପ୍ରଥମ ବର୍ଷର ହାସଲ ନେଇ ସମୀକ୍ଷା କରାଯାଉଛି। ବର୍ଷପୂର୍ତ୍ତି କେବଳ ଏକ ରାଜନୀତିକ ହାସଲ ନୁହେଁ, ଏହା ଏକ ଉତ୍ତରଦାୟିତ୍ୱର ଅବସର ମଧ୍ୟ। ଏହି ବର୍ଷକ ଭିତରେ ମୋହନ ମାଝୀଙ୍କ ସରକାର ଓଡ଼ିଶାବାସୀଙ୍କ ପାଇଁ କି କି କାର୍ଯ୍ୟ କରିଛନ୍ତି ତାହାର ମଧ୍ୟ ସମୀକ୍ଷା ହେବ। ସୂଚନା ଅନୁସାରେ ରାଜ୍ୟ ସରକାର ଓଡ଼ିଶାର ଭୋଟରମାନଙ୍କୁ ଦେଇଥିବା ୨୧ଟି ପ୍ରତିଶ୍ରୁତିରୁ ୧୧ଟି ପ୍ରତିଶ୍ରୁତି ଏହି ବର୍ଷକ ମଧ୍ୟରେ ପୂରଣ କରିଛନ୍ତି। ବାକି ୧୦ ପ୍ରତିଶ୍ରୁତି ଆଗାମୀ ବର୍ଷ ପୂରଣ କରିବାକୁ ଚେଷ୍ଟା କରାଯିବ। ଏହା ବ୍ୟତିତ ଦଳ ଯେଉଁ ପ୍ରତିଶ୍ରୁତି ଦେଇନାହିଁ, ମାତ୍ର ଲୋକେ ତାହା ଚାହାନ୍ତି ତାହା ମଧ୍ୟ କାର୍ଯ୍ୟକାରୀ ହେବ। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ଗଣତନ୍ତ୍ରରେ ଅଭିଭାବକ ହେଲେ ଜନ ସାଧାରଣ। ଛାତ୍ରଛାତ୍ରୀ ଯେପରି ବର୍ଷକ ପାଠ ପଢିବା ପରେ ବାର୍ଷିକ ପରୀକ୍ଷା ଦିଏ ଓ ପରୀକ୍ଷାରେ କେତେ ମାର୍କ ରଖିଲା ତାହାର ପ୍ରଗତିପତ୍ର ସ୍କୁଲରୁ ଆଣି ବାପମା'ଙ୍କୁ ଦେଖାଏ ସେହିପରି ରାଜ୍ୟ ସରକାରଙ୍କର ପ୍ରଗତିପତ୍ର ଜନ ସାଧାରଣ ଜାଣିବା କଥା। ସରକାର ତାହା ଦେବେ। ଏହା ଏକ ଉତ୍ତରଦାୟୀ ସରକାର। ମୋହନ ମାଝୀ ସରକାରଙ୍କ ବର୍ଷପୂର୍ତ୍ତି ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଅତିଥି ହେବେ କି ବୋଲି ପ୍ରଶ୍ନର ସେ କୌଣସି ସିଧାସଳଖ ଉତ୍ତର ଦେଇନାହାନ୍ତି। ସେ କହିଛନ୍ତି ଯେ ଏନେଇ କିଛି ଚୂଡ଼ାନ୍ତ ହୋଇନାହିଁ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସିଲେ ଭଲ ହେବ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ ଚାଲିଛି। କିଛି ଠିକ ହୋଇନାହିଁ। ତେବେ, ସେ କହିଛନ୍ତି ଯେ ଏହା କେବଳ ଉତ୍ସବ ମନେଇବାର ସମୟ ନୁହେଁ। ଏହି ବର୍ଷ ରାଜ୍ୟ ସରକାରଙ୍କ ସଫଳତା ଓ ବିଫଳତାର ସମକ୍ଷା ହୋଇ ଲୋକଙ୍କୁ ଜଣେଇବାର ସମୟ। ସେ ଦିଗରେ ମଧ୍ୟ ପ୍ରଚେଷ୍ଟା ଚାଲିଛି।

### ଓଏମସିର ୭୦ତମ ପ୍ରତିଷ୍ଠା ଦିବସ

## 'ରାଜ୍ୟକୁ ଅର୍ଥନୈତିକସ୍ତରରେ ସମୃଦ୍ଧ କରିବାରେ 'ଓଏମସି'ର ଅବଦାନ ରହିଛି'



ଭୁବନେଶ୍ୱର, ୧୬।୫ (ଡିକେ ନ୍ୟୁଜ୍): ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ ଭାବେ ଓଡିଶା ଭାରତ ବର୍ଷରେ ଏକ ଅଗ୍ରଣୀ ରାଜ୍ୟ। ଦେଶର ସର୍ବୋମୋଟ୍ ଖଣିଜ ସମ୍ପଦର ୪୧.୯ ପ୍ରତିଶତରୁ ଅଧିକ ଖଣିଜ ସମ୍ପଦ ଓଡିଶାରେ ମହଜୁଦ୍ ଅଛି। ଓଏମସି, ୬୦ ବର୍ଷରୁ ଅଧିକ ସମୟ ଧରି ପ୍ରକୃତି କୋଳରୁ ଖଣିଜ ସମ୍ପଦ ଅନ୍ୱେଷଣ ଓ ଖଣି ଖନନ କାର୍ଯ୍ୟ ଦାୟିତ୍ୱପୂର୍ଣ୍ଣ ଭାବେ କରିଆସୁଛି। ରାଜ୍ୟକୁ ଅର୍ଥନୈତିକ ସ୍ତରରେ ସମୃଦ୍ଧ କରିବା ପାଇଁ ଓଏମସିର ବଳିଷ୍ଠ ଅବଦାନ ରହିଛି ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଏମସିର ୭୦ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଏହି ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୬୦ ଦଶକରେ ମାତ୍ର ୧କୋଟି ଟଙ୍କାର ଆର୍ଥିକ କାରବାର ସହିତଓଏମସି ନିଜର ଯାତ୍ରା ଆରମ୍ଭ କରି ୨୦୨୪-୨୫ ଆର୍ଥିକ ବର୍ଷରେ ୨୩,୬୦୦ କୋଟି ଟଙ୍କାର ଆର୍ଥିକ କାରବାର କରିଛି। ଏହି କାରବାର କେବଳ ଖଣିଜ ପଦାର୍ଥ ଉତ୍ପାଦନ ଓ ବିକ୍ରୟ ମାଧ୍ୟମରେ ହୋଇଛି। ଆଜି ଓଏମସି ଦେଶରେ ଖଣିଜ ଉତ୍ପାଦନ କାରୀ କମ୍ପାନୀ ମଧ୍ୟରେ ଶ୍ରେଷ୍ଠ ୫ମ ସ୍ଥାନରେ ରହିଛି। ଓଏମସି କେବଳ ଆମ ରାଜ୍ୟରେ ନୁହେଁ ବରଂ ସାରା ଦେଶରେ ନିଜକୁ ଏକ ଆଦର୍ଶ ଲାଭଜନକ ରାଜ୍ୟ ସରକାର ଉଦ୍ୟୋଗ ଗୁଡ଼ିକୁ ଭାବରେ ପ୍ରତିଷ୍ଠିତ କରିପାରିଛି। ଓଏମସି ଓଡିଶା ବିକାଶର ସାରଥୀ ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସେ ପୁଣି କହିଥିଲେ ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ। କେବଳ କୃଷି ଉପରେ ନିର୍ଭର କରି ଚାଲିଲେ ଆମେ ଆଗକୁ ବଢି ପାରିବା ନାହିଁ। ଆମ ରାଜ୍ୟରେ ଏଥିରେ ପରିବର୍ତ୍ତନ ଆଣିବା ପାଇଁ ଅନେକ ସୁଯୋଗ ରହିଛି। ଆମ ସରକାରଙ୍କ ଲକ୍ଷ୍ୟ ହେଉଛି ଓଡିଶାକୁ ଏକ ମିଶ୍ରିତ ଅର୍ଥନୀତି ଭାବେ ଗଢିତୋଳିବା ପାଇଁ। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ଉତ୍ପାଦନ କ୍ଷେତ୍ରରେ ଅଧିକ ଧ୍ୟାନ ଆକର୍ଷଣ କରିବାକୁ ପଡିବ। ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ ଆମ ରାଜ୍ୟରେ ପ୍ରଚୁର ଭାବେ ଭରପୁର ଅଛି। ପୂର୍ବ ସରକାରମାନେ ରାଜ୍ୟର ଏହି ଶିଳ୍ପାୟନ ସମ୍ଭାବନାକୁ ଉପଯୋଗ କରିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିଲେ। କିନ୍ତୁ ଆମ ସରକାର ଏହାର ବିପରୀତ ନୀତି ଆପଣେଇଛନ୍ତି। ରାଜ୍ୟର ଖଣିଜ ଦ୍ରବ୍ୟରେ ମୂଲ୍ୟ ଯୋଗ କରି ବିକ୍ରୟ କରାଯିବା ନୀତି ଆପଣେଇଛନ୍ତି। ଉଦ୍ୟୋଗୀକରଣ ମାଧ୍ୟମରେ ଦ୍ରୁତ ଶିଳ୍ପାୟନ ପାଇଁ ଆମେ ଶପଥ ନେଇଛୁ ବୋଲି ସେ କହିଥିଲେ। ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ଇ-ନିଲାମ୍ ପ୍ଲାଟଫର୍ମ ମାଧ୍ୟମରେ ଲଙ୍ଗ-ଟର୍ମ ଲିଙ୍କେଜ୍ ପଲିସି ଦ୍ୱାରା ରାଜ୍ୟରେ ପ୍ରତିଷ୍ଠିତ ଶିଳ୍ପ ଗୁଡିକୁ ୮୦ ପ୍ରତିଶତରୁ ଅଧିକ କଞ୍ଚାମାଲ ଉପଲବ୍ଧ କରାଯାଇ ପାରୁଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଆମ ବିକାଶର ମୂଳ ସୂତ୍ରଧର ହେଉଛନ୍ତି ଆମ ଶ୍ରମିକ ଭାଇ ଓ ଭଉଣୀ ମାନେ। ଶ୍ରମିକ ସଶକ୍ତ ହେଲେ ଓଡିଶା ସଶକ୍ତ ହେବ। ଶ୍ରମଦାନ କରି ଓଡିଶାକୁ ସଶକ୍ତ, • ପୃଷ୍ଠା ୭ ଦେଖନ୍ତୁ...

### ଭୁଜ ଏୟାରବେସରୁ ପାକିସ୍ତାନକୁ ରାଜନାଥଙ୍କ କଡ଼ା ବାର୍ତ୍ତା

## 'ଟ୍ରେଲର ଦେଖିଛ, ଫିଲ୍ମ ବାକି ଅଛି'



ଗୁଜରାଟ, ୧୬।୫ (ହି.ସ): ଗୁଜରାଟର ଭୁଜ ଏୟାରବେସରୁ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ। ଗୁରୁବାର ଶ୍ରୀଗନର ଗସ୍ତ କରିଥିବା ରାଜନାଥ ଶୁକ୍ରବାର ଭୁଜରେ ପହଞ୍ଚି ବାୟୁ ବୀରଙ୍କୁ ଭେଟିଛନ୍ତି। ଅରପେସନ ସିନ୍ଦୂରରେ ଭାରତୀୟ ବାୟୁ ସେନାର ପରାକ୍ରମକୁ ସେ ପ୍ରଶଂସା କରି ପାକିସ୍ତାନକୁ ଆତଙ୍କବାଦ ପ୍ରସଙ୍ଗରେ ଧୋଇଛନ୍ତି। 'ଅପରେସନ ସିନ୍ଦୂର' ବେଳେ ଭୁଜ ଏୟାରବେସକୁ ଧ୍ୱଂସ କରିଥିବା ଦାବି କରିଥିଲା ପାକିସ୍ତାନ। ହେଲେ ରାଜନାଥ ସେଠାକୁ ଗସ୍ତ କରି ପାକିସ୍ତାନର ସବୁ ମିଛର ପର୍ଦ୍ଦାଫାସ କରିଛନ୍ତି। ଏହାପରେ ସେ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ଯେ ଭୁଜ ଏୟାର ବେସ୍ ପାକିସ୍ତାନ ବିପକ୍ଷ ବିଜୟରେ ସର୍ବଦା ସାକ୍ଷୀ ରହି ଆସିଛି। ୧୯୬୫ ଓ ୧୯୭୧ରେ ଆମେ ଏହା ଦେଖିଥିଲୁ। 'ଅପରେସନ ସିନ୍ଦୂର'ରେ ମଧ୍ୟ ଆମେ ପୁଣି ଥରେ ଭୁଜ ଏୟାରବେସର ପରାକ୍ରମକୁ ଦେଖିଲୁ। ଆତଙ୍କବାଦ ବିରୋଧୀ ଲଢେଇର ନେତୃତ୍ୱ ସବୁବେଳେ ବାୟୁସେନା ନେଇ ଚାଲିଛି। ଏଠୁ ଉଡ଼ାଣ ଆରମ୍ଭ କରି ଲୁଆ ବିମାନ ପରାକ୍ରମ ଦେଖାଇଛି। ସାରା ବିଶ୍ୱକୁ ଭାରତ ମଧ୍ୟ ଏହାଦ୍ୱାରା ନିଜ ଶକ୍ତି ସମ୍ପର୍କରେ ବାର୍ତ୍ତା ଦେଇଛି। ବ୍ରହ୍ମୋସ ମିସାଇଲ ଓ ସ୍ୱଦେଶୀ ଜ୍ଞାନକୌଶଳର ପ୍ରଶଂସା କରି ରାଜନାଥ କହିଛନ୍ତି, ବ୍ରହ୍ମୋସ ମିଜାଇଲ୍ ତାକତକୁ ପାକିସ୍ତାନ ସ୍ୱୀକାର କରିସାରିଛି। ବ୍ରହ୍ମୋସ ଘନ ଅନ୍ଧକାର ମଧ୍ୟରେ ପାକିସ୍ତାନକୁ ଆଲୋକ ଦେଖାଇଛି। ଆମ ଦେଶରେ ଏକ ପୁରାତନ କଥା ଅଛି ଦିନରେ ତାରା ଦେଖାଇବା। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ବ୍ରହ୍ମୋସ ଏହା କରି ଦେଖାଇଛି। ପାକିସ୍ତାନକୁ ରାତିର ଅନ୍ଧକାର ଭିତରେ ଦିନର ଉଜାଲା ଦେଖାଇଛି ବ୍ରହ୍ମୋସ। ଏଣିକି ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଯୁଦ୍ଧାସ୍ତ୍ର ଚମକ ଦେଖାଇବା ଆରମ୍ଭ କରିଛି। ପାକିସ୍ତାନ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଦେଉଥିବା ଋଣକୁ ମଧ୍ୟ ରାଜନାଥ ବିରୋଧ କରିଛନ୍ତି। ଆଇଏମଏଫ ପାକିସ୍ତାନକୁ ଦେଇଥିବା ଋଣ ଉପରେ ରୋକ ଲଗାଇବା ଦରକାର ବୋଲି ଶ୍ରୀ ସିଂହ ମତ ରଖିଛନ୍ତି। ତାଙ୍କ କହିବା କଥା ଯେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରୁ ଅର୍ଥ ଆଣି ପାକିସ୍ତାନ ଆତଙ୍କବାଦୀଙ୍କୁ ଦେଉଛି। ତେଣୁ ଆଇଏମଏଫ ତା'ର ନିଷ୍ପତ୍ତି ପୁନର୍ବିଚାର କରିବା ଦରକାର। ପାକିସ୍ତାନ ଋଣ ନେଉଥିବା ବେଳେ କୁଖ୍ୟାତ ଆତଙ୍କବାଦୀ ମସୁଦ ଆଝାରକୁ ୧୪ କୋଟି ଟଙ୍କା ଦେବ। କାରଣ ଭାରତର ଏୟାର ଷ୍ଟ୍ରାଇକରେ ତା'ର ଏକାଧିକ ସହଯୋଗୀ ନିହତ ହୋଇଛନ୍ତି। ଆତଙ୍କୀ ଲଢେଇରେ ସମସ୍ତେ କେବଳ ଟ୍ରେଲର ଦେଖିଛନ୍ତି। ଆଗକୁ ପୂରା ଫିଲ୍ମ ବାକି ରହିଛି। ଆତଙ୍କବାଦ ମୂଳୋତ୍ପାଟନ ପାଇଁ ଭାରତ ପ୍ରତିଜ୍ଞାବଦ୍ଧ। ଅପରେସନ ସିନ୍ଦୂର ବନ୍ଦ ହୋଇନି। ଏବେ ବି ଏହା ଜାରି ରହିଛି। ଆମେ ପାକିସ୍ତାନକୁ ପରୀକ୍ଷାରେ ରଖିଛୁ। ଯଦି ଏହାର ଆଚରଣରେ ଉନ୍ନତି ଆସେ, ତେବେ ସବୁ କିଛି ଠିକ୍। ନଚେତ ପାକିସ୍ତାନକୁ କଠୋରତମ ଦଣ୍ଡ ଦିଆଯିବ। 'ଅପରେସନ ସିନ୍ଦୂର' ସମୟରେ ବାୟୁ ବୀରମାନେ ଯାହା କରି ଦେଖାଇଲା, ତାହା ସମସ୍ତଙ୍କୁ ଗର୍ବିତ କରିଛି। ଦେଶ ଭିତରେ ଓ ବାହାରେ ଥିବା ଭାରତୀୟ ସମସ୍ତେ ଗର୍ବିତ। ଆତଙ୍କବାଦକୁ ଦମନ କରିବାକୁ ଭାରତୀୟ ବାୟୁସେନା ପାଇଁ ମାତ୍ର ୨୩ ମିନିଟ୍ ଯଥେଷ୍ଟ ଥିଲା। ଟିଫିନ୍ ଖାଇବା ପାଇଁ ଯେତିକି ସମୟ ଦରକାର ସେତିକିରେ ସବୁ ଖତମ୍ ହୋଇଗଲା। ବାୟୁ ବୀରମାନେ ଶତ୍ରୁମାନଙ୍କ ଦେଶକୁ ଯାଇ କ୍ଷେପଣାସ୍ତ୍ର ପକାଇଥିଲେ। ଏହାର ପ୍ରତିଧ୍ୱନୀ କେବଳ ଭାରତ ସୀମାରେ ସୀମିତ ରହିଲା ନାହିଁ। ପୂରା ବିଶ୍ୱ ସବୁ କିଛି ଦେଖିଛି। ସେହି ପ୍ରତିଧ୍ୱନୀ କେବଳ କ୍ଷେପଣାସ୍ତ୍ରର ନୁହେଁ, ବରଂ ବାୟୁ ବୀରଙ୍କ ବୀରତ୍ୱର ଗାଥା କହୁଛି ବୋଲି ରାଜନାଥ ମତ ରଖିଛନ୍ତି।

## ବଜ୍ରାଘାତରେ ରାଜ୍ୟରେ ୧୦ ମୃତ, ଅନେକ ଆହତ

ଭୁବନେଶ୍ୱର, ୧୬।୫ (ହି.ସ): ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାର ବଜ୍ରାଘାତରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲାରେ ୪ଜଣ, ଗଞ୍ଜାମରେ ୨ଜଣ, ଯାଜପୁରରେ ୨ ଜଣ ଓ ଗଜପତିରେ ଜଣଙ୍କର ବଜ୍ରାଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଶୁକ୍ରବାର ଅପରାହ୍ନରେ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ସହ ବର୍ଷା ହୋଇଯାଇଛି। କୋରାପୁଟ ଲକ୍ଷ୍ମୀପୁର ପର୍ଡିଗୁଡ଼ା ଗାଁରେ ବିଲରେ କାମ କରୁଥିବା ବେଳେ ଜେଜେ ମା', ନାତୁଣୀ ଓ ଅନ୍ୟଜଣେ ମହିଳାଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ କେବିରି ବରପୁର ଗ୍ରାମରେ ଆମ୍ବ ଗୋଟାଇବା ପାଇଁ ଜଣେ ଯୁବତୀ ତୋଟାକୁ ଯାଇଥିବା ବେଳେ ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। ଯାଜପୁରରେ ବଜ୍ରାଘାତରେ ୨ ଜଣ ନାବାଳକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଉଭୟ ମୃତକ ଜେନାପୁର ଥାନା ଅନ୍ତର୍ଗତ ବୁରୁସାହିର ବୋଲି ଜଣାପଡିଛି।




## 'ଜୁନ୍ ୨୮ରୁ ଜୁଲାଇ ୬ ଯାଏଁ ଗର୍ଭଗୃହ, ବାହାର ରତ୍ନଭଣ୍ଡାର ମରାମତି'

ପୁରୀ, ୧୬।୫ (ଡିକେ ନ୍ୟୁଜ୍): ରଥଯାତ୍ରା ସମୟରେ ରତ୍ନଭଣ୍ଡାର, ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ମରାମତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ପ୍ରଶାସନ ବୈଷୟିକ କୋର କମିଟିର ସଦସ୍ୟ ଡଏନ୍‌ସି ପାଲ, ସୁପରିଟେଣ୍ଡେଣ୍ଟ ଆରକ୍ୟୁଲୋଜିଷ୍ଟ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମେତ ଉନ୍ନୟନ ପ୍ରଶାସକଙ୍କ ଉପସ୍ଥିତରେ ଆଲୋଚନା କରାଯାଇଛି। ପୂର୍ବରୁ ନିଷ୍ପତ୍ତି ଅନୁଯାୟୀ ଏପ୍ରିଲ ୨୯ରୁ ଜୁନ୍ ୨୭ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିଛି। ଚନ୍ଦନଯାତ୍ରା ନୀତି କାନ୍ତି ଥିବାରୁ ମରାମତି କାର୍ଯ୍ୟ ବନ୍ଦ ରହିଛି। ଗତ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା ଚାରିମାସ ମଧ୍ୟରେ ସମୁଦାୟ ୧୯୩ ଘଣ୍ଟା ପାଞ୍ଚ ମିନିଟ କାର୍ଯ୍ୟ ହୋଇଥିଲା କିନ୍ତୁ ପୂର୍ଣ୍ଣାଙ୍ଗ ମରାମତି ହୋଇପାରିଲା ନାହିଁ। ଭିତର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। କେବଳ ଚଟାଣ କାର୍ଯ୍ୟ ବାକି ରହିଛି। ଭିତର ରତ୍ନଭଣ୍ଡାରରେ ୯ଟି ଷ୍ଟେନଲେସ ବିମ ଲାଗିସାରିଛି। ବାହାର ରତ୍ନଭଣ୍ଡାରର ପାଞ୍ଚଟି ଷ୍ଟେନଲେସ ବିମ୍ ଲାଗିବ। ନଷ୍ଟ ହୋଇଯାଇଥିବା ପଥର ଗୁଡ଼ିକ ମଧ୍ୟ ପରିବର୍ତ୍ତନ କରାଯିବ। ମୋଟ ୨୭୭ ପଥର ସମୁଦାୟ ପରିବର୍ତ୍ତନ କରାଯାଇ ଲଗାଯାଇଛି। ୧୪୮ଟି ପଥର ଭିତର ରତ୍ନଭଣ୍ଡାରରେ ଲାଗିଛି। ଜୁନ୍ ୨୮ରୁ ଜୁଲାଇ ୬ ପର୍ଯ୍ୟନ୍ତ ରଥଯାତ୍ରା ସମୟରେ ଅଧିକ ମରାମତି କାର୍ଯ୍ୟ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ଜୁନ୍ ୨୮ରୁ ଜୁଲାଇ ୬ ତାରିଖ ମଧ୍ୟରେ ଗର୍ଭଗୃହ, ବାହାର ରତ୍ନଭଣ୍ଡାର ମରାମତି ହେବ। ଏହି ସମୟରେ ବିଶେଷ କରି ବାହାର ରତ୍ନଭଣ୍ଡାର ମରାମତି କରାଯିବ। ଭିତର ରତ୍ନଭଣ୍ଡାର ମରାମତି ପ୍ରାୟତଃ ଶେଷ ହୋଇଯାଇଛି। କେବଳ ଚଟାଣ କାମ ବାକି ଅଛି। ନାଟମଣ୍ଡପ, ଜଗମୋହନ ମରାମତି କାମ ମଧ୍ୟ ଏହି ସମୟରେ କରାଯିବ। ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରିବାକୁ ଆଲୋଚନା ହୋଇଛି। ଷ୍ଟ୍ରକଚରାଲ୍ ସେଫ୍ଟିକୁ ଗୁରୁତ୍ୱ ସହ ଶୀତତାପ ବ୍ୟବସ୍ଥା କରାଯିବ। ଏଥିପାଇଁ ଏଏସ୍ଆଇର ଅନୁମୋଦନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଶ୍ରୀମନ୍ଦିର ଟେକ୍ନିକାଲ କମିଟି, ଏଏସ୍ଆଇ ମିଳିତ ଭାବେ ସବୁ ତଦାରଖ କରିବେ।

### — ଶକ୍ତିଶାଳୀ ହେବ ଭାରତୀୟ ସେନା —

## ପ୍ରତିରକ୍ଷା ବଜେଟରେ ୫୦ ହଜାର କୋଟି ଟଙ୍କା ବୃଦ୍ଧି କରିବେ ମୋଦି



ନୂଆଦିଲ୍ଲୀ, ୧୬।୫ (ହି.ସ): ଭାରତର ପ୍ରତିରକ୍ଷା ବଜେଟକୁ ମିଳିପାରେ ୫୦ ହଜାର କୋଟିର ବଳ। ଅପରେସନ ସିନ୍ଦୂର ସଫଳ ହୋଇଥିବାରୁ ସରକାର ଦେଶର ସାମରିକ ଶକ୍ତିକୁ ଆହୁରି ମଜବୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରତିରକ୍ଷା ବଜେଟ ପାଇଁ ଅତିରିକ୍ତ ୫୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯିବ। ସପ୍ଲିମେଣ୍ଟାରୀ ବଜେଟ ମାଧ୍ୟମରେ ସରକାର ଏପରି ବ୍ୟବସ୍ଥା କରିପାରନ୍ତି। ଯଦି ସରକାର ୫୦ ହଜାର କୋଟିର ଅନୁଦାନ ଘୋଷଣା କରନ୍ତି, ତା'ହେଲେ ପ୍ରତିରକ୍ଷା ବଜେଟର ପରିମାଣର ୭ ଲକ୍ଷ କୋଟି ପାର କରିବ। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ୧ରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଥିଲେ। ଏହି ସମୟରେ ପ୍ରତିରକ୍ଷା ବିଭାଗ ପାଇଁ ରେକର୍ଡ ୬.୮୧ ଲକ୍ଷ କୋଟିର ବ୍ୟୟବରାଦ ହୋଇଥିଲା। ୨୦୨୪-୨୫ ତୁଳନାରେ କେନ୍ଦ୍ର ସରକାର ପ୍ରତିରକ୍ଷା ବଜେଟକୁ ୨୦୨୫-୨୬ରେ ୯% ବୃଦ୍ଧି କରିଥିଲେ। ୨୦୨୪-୨୫ରେ ପ୍ରତିରକ୍ଷା ବିଭାଗ ପାଇଁ ୬.୨୨ ଲକ୍ଷ କୋଟିର ବ୍ୟୟବରାଦ ହୋଇଥିଲା। ପୂର୍ବରୁ ପ୍ରତିରକ୍ଷା ବଜେଟ ୯% ବିଥିବା ବେଳେ ଏବେ ପୁଣି ଆଉ ୫୦ ହଜାର କୋଟିର ବ୍ୟୟବରାଦ ହେବ। ବଜେଟ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବ ସଂସଦର ଶୀତ ଅଧିବେଶନରେ ଉପସ୍ଥାପନ କରାଯିବ। ଅନୁମୋଦନ ଲାଭ କରିବାକୁ ଥିବା ବଜେଟକୁ ରିସର୍ଚ୍ଚ ଓ ଡେଭଲପମେଣ୍ଟ ସମେତ ଅଧିକ ସଂଖ୍ୟାରେ ଯୁଦ୍ଧାସ୍ତ୍ର, ଗୁଳିଗୋଳା ଓ ଅନ୍ୟାନ୍ୟ ସୁରକ୍ଷା ସାମଗ୍ରୀ କିଣିବା • ପୃଷ୍ଠା ୭ ଦେଖନ୍ତୁ...



# ଏସବିଆଇ ସିକ୍ୟୁରିଟିଜ୍ ଓଡିଶା ଏବଂ ପଶ୍ଚିମବଙ୍ଗରେ ଚକ୍ଷୁ ଚିକିତ୍ସା ସେବାକୁ ବୃଦ୍ଧି କରିବା ପାଇଁ ୪୯ ଲକ୍ଷ ଟଙ୍କାର ଅନୁଦାନ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଏସବିଆଇ ସିକ୍ୟୁରିଟିଜ୍, ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପଦକ୍ଷେପର ଅଂଶ ଭାବରେ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ବିଭିନ୍ନ ଜିଲ୍ଲାରେ ଚକ୍ଷୁ ଚିକିତ୍ସା ସେବାକୁ ବୃଦ୍ଧି କରିବା ପାଇଁ ସାଇଟସେଭର୍ସ ଇଣ୍ଡିଆ ସହିତ 'ନେତ୍ର ବସନ୍ତ - ଗ୍ରାମୀଣ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ' ପାଇଁ ସହଯୋଗ କରିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ, ଏହି ପଦକ୍ଷେପ ଉନ୍ନତ ସ୍ୱାସ୍ଥ୍ୟସେବା ଭିତିଭୂମିର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସିଧାସଳଖ ସମ୍ବୋଧିତ କରେ, ବିଶେଷକରି ପ୍ରତିରୋଧକ ଚକ୍ଷୁ ଚିକିତ୍ସାରେ ଏହାର ଅବଦାନ ରହିଛି। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଏହି ଅଂଚଳର ଜିଲ୍ଲା ହସ୍ପିଟାଲ ଏବଂ ଏନଜିଓ ହସ୍ପିଟାଲ ଗୁଡ଼ିକୁ ସେମାନଙ୍କର ଚକ୍ଷୁ ବାହ୍ୟ ରୋଗୀ ବିଭାଗ (ଓପିଡି) ଏବଂ ଚକ୍ଷୁ ଅପରେସନ୍ ଥିଏଟର (ଓଟି) ପାଇଁ ଅତ୍ୟାବଶ୍ୟକ ଚିକିତ୍ସା ଉପକରଣ ଯୋଗାଇ ଦେଇ ସେମାନଙ୍କର




କ୍ଷମତାକୁ ସୁଦୃଢ଼ କରିବା। ଏହି ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକ ସେମାନଙ୍କ ସମ୍ପ୍ରଦାୟକୁ ଉଲ୍ଲେଖନୀୟ ଚକ୍ଷୁ ଚିକିତ୍ସା ସେବା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ପ୍ରାୟତଃ ଗୁଣାତ୍ମକ ଚିକିତ୍ସା ପାଇବାରେ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଦୁର୍ବଳ ଜନସଂଖ୍ୟାକୁ ସେବା ପ୍ରଦାନ କରିଥାଏ।ଏହି ଅବସରରେ, ଏସବିଆଇ କ୍ୟାପ ସିକ୍ୟୁରିଟିଜ୍ ଲିମିଟେଡର ସିଏଫଓ ଏବଂ ଡବଲ୍ୟୁଟିଡି ସୁଶାନ୍ତ କୁମାର ଦାସ କହିଛନ୍ତି, 'ଏସବିଆଇ ସିକ୍ୟୁରିଟିଜରେ, ଆମେ ଜଣେ ବ୍ୟକ୍ତିଙ୍କ ଜୀବନର ଗୁଣବତା ଏବଂ ସମାଜରେ ତାର ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାର କ୍ଷମତା ଉପରେ ଭଲ ଦୃଷ୍ଟିର ଗଭୀର ପ୍ରଭାବକୁ ସ୍ୱୀକାର କରୁଛୁ। ଓଡ଼ିଶାରେ ଚକ୍ଷୁ ଚିକିତ୍ସା ସେବାକୁ ବୃଦ୍ଧି କରିବା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରୟାସରେ ଆମେ ସାଇଟସେଭର୍ସ ଇଣ୍ଡିଆ ସହିତ ସହଭାଗୀ ହୋଇ ବହୁ ଖୁସି। ଏହି ଅବଦାନ ସ୍ଥାନୀୟ ହସ୍ପିଟାଲଗୁଡ଼ିକର କ୍ଷମତାକୁ ସୁଦୃଢ଼ କରିବା ପାଇଁ ଅତ୍ୟାବଶ୍ୟକୀୟ ଉପକରଣ ଯୋଗାଇବ, ଯାହା ଦ୍ୱାରା ସମୟୋପଯୋଗୀ ଏବଂ ଗୁଣାତ୍ମକ ଚକ୍ଷୁ ଚିକିତ୍ସା ସେମାନଙ୍କ ପାଖରେ ପହଞ୍ଚିବ, ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ପାଇବାକୁ ଆଶାୟୀ ଅଟନ୍ତି। ଏହି ପଦକ୍ଷେପ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବା ଏବଂ ଆବଶ୍ୟକ କରୁଥିବା ସମ୍ପ୍ରଦାୟର କଲ୍ୟାଣ ଉପରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ଆମର ପ୍ରତିବଦ୍ଧତା ସହିତ ସମନ୍ୱିତ। 'ସାଇଟସେଭର୍ସ ଇଣ୍ଡିଆର ସିଇଓ ଆରଏନ ମହାନ୍ତି କହିଛନ୍ତି, ''ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ଚକ୍ଷୁ ଚିକିତ୍ସା ସେବାକୁ ସୁଦୃଢ଼ କରିବା ପାଇଁ ଏସବିଆଇ ସିକ୍ୟୁରିଟିଜ୍ର ଉଦାର ସମର୍ଥନକୁ ଆମେ ପ୍ରଶଂସା କରୁଛୁ। ଅତ୍ୟାବଶ୍ୟକ ଉପକରଣ ଯୋଗାଣ ନିଶ୍ଚିତ ଭାବରେ ହସ୍ପିଟାଲଗୁଡ଼ିକରେ ସେବା ପ୍ରଦାନକୁ ବୃଦ୍ଧି କରିବ, ଯାହା ଗୋଷ୍ଠୀ ସ୍ୱାସ୍ଥ୍ୟରେ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଭିତିଭୂମିକୁ ସୁଦୃଢ଼ କରିବା ଏବଂ ଅନୁନ୍ନତ କ୍ଷେତ୍ରରେ କ୍ଷମତା ନିର୍ମାଣ କରି, ଏହି ସହଯୋଗ ସ୍ଥାୟୀ ଚକ୍ଷୁ ସ୍ୱାସ୍ଥ୍ୟ ପାଇଁ ସୁବିଧା ପ୍ରଦାନରେ ସାହାଯ୍ୟ କରେ। ଏକାଠି, ଆମେ ବର୍ତମାନ ଏବଂ ଭବିଷ୍ୟତ ପାଇଁ ସ୍ଥିର ଚକ୍ଷୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ନିର୍ମାଣ କରୁଛୁ। 'ଏସବିଆଇ ସିକ୍ୟୁରିଟିଜ୍ ଏବଂ ସାଇଟସେଭର୍ସ ଇଣ୍ଡିଆ ମଧ୍ୟରେ ଏହି ସହଯୋଗ ଉଭୟ ସଂଗଠନର ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବା ଏବଂ ଲକ୍ଷ୍ୟ ଭିତିକ ହସ୍ତକ୍ଷେପ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ମାଧ୍ୟମରେ ଦୁର୍ବଳ ଜନସଂଖ୍ୟାଙ୍କ ଜୀବନକୁ ଉନ୍ନତ କରିବା ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ।

# ଇଣ୍ଡିଆନ୍ ବ୍ୟାଙ୍କର ହାଟସାହି ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର, (ହି.ସ):** ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ପୁରୀ ଜିଲ୍ଲାର ପିପିଲି ବ୍ଲକ୍ ଅଧିନସ୍ଥ ହାଟସାହି ଶାଖା ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଅଞ୍ଚଳ ଅନ୍ତର୍ଗତ ପୁରୀ ଜିଲ୍ଲାର ୮ମ ଶାଖା ଭାବରେ, ହାଟସାହି ଶାଖାର ଉଦ୍‌ଘାଟନ ଅଣବ୍ୟାଙ୍କିଙ୍ଗ୍ କ୍ଷେତ୍ରଗୁଡ଼ିକରେ ବ୍ୟାଙ୍କିଂ ସେବାର ବିସ୍ତାର ଏବଂ ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ନୂତନ ଶାଖାର ଉଦ୍‌ଘାଟନୀ ଉତ୍ସବରେ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ ଏମ୍. ଅରୁଣା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପିପିଲି ତହସିଲଦାର ଓଏଏସ୍ ହୃଷିକେଶ ତ୍ରିପାଠୀ ଏବଂ ହାଟସାହି ସରପଞ୍ଚ ଗଣେଶ ବେହେରା ଉପସ୍ଥିତ ଥିଲେ। ଏଥିରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ସୁମନ କୁମାର, ଉପ-ଆଞ୍ଚଳିକ ପ୍ରବନ୍ଧକ ବିଶ୍ୱନାଥ ଦାସଙ୍କ ସମେତ ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ ଅଧିକାରୀଗଣ ମଧ୍ୟ ଉପସ୍ଥିତ ଥିଲେ। ପ୍ରଦୀପ



ପ୍ରଜ୍ୱଳନ ସହ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ ଶାଖା ପକ୍ଷରୁ ୫୦ଟି ସଞ୍ଚୟ ଖାତା ଓ ୧୦ଟି ଆବର୍ତ୍ତୀ ଜମା ଖାତା ଖୋଲାଯାଇଥିଲା। ବର୍ତ୍ତମାନ ବ୍ୟାଙ୍କ ପକ୍ଷରୁ ଆରଡ଼ି ସଞ୍ଚୟ ଲକ୍ଷପତି ଅଭିଯାନ ସହିତ ଅତି ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ୧୫ ମାସ ଅବଧି ପାଇଁ ଆକର୍ଷଣୀୟ ୭.୮୫ ପ୍ରତିଶତ ସୁଧହାର ପ୍ରଦାନ କରାଯାଉଛି। କ୍ଷେତ୍ର ମହାପ୍ରବନ୍ଧକ ଏମ୍ ଅରୁଣା ତାଙ୍କ ଉଦ୍‌ଘାଟନୀ ଭାଷଣରେ ସଞ୍ଚୟ, ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଋଣ ବଣ୍ଟନ, ଗ୍ରାମୀଣ ବିକାଶ ଏବଂ ଅଭିବୃଦ୍ଧି ପ୍ରତି ଇଣ୍ଡିଆନ୍ ବ୍ୟାଙ୍କର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ ସୁମନ କୁମାର ଏବଂ ଉପ-ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଦାସ ଉତ୍ତମ ଗ୍ରାହକ ସେବା ଯୋଗାଇଦେବା ପାଇଁ ପ୍ରତିଶୃତି ଦେଇଥିବା ସହ ସ୍ଥାନୀୟ ଗ୍ରାହକ ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ ଭବିଷ୍ୟତରେ ବ୍ୟବସାୟିକ ଅଭିବୃଦ୍ଧି ଆଣିବା ପାଇଁ ସୁନିଶ୍ଚିତ କରିଥିଲେ।

# ତୁର୍କୀର ଉତ୍ପାଦ ସେଓ ଉପରେ ଭାରତରେ ଧିରେ ଧିରେ ବ୍ୟାନ

**ନୂଆଦିଲ୍ଲୀ,(ହି.ସ):** ପାକିସ୍ତାନକୁ ସମର୍ଥନ ଜଣାଇ ହରଡ଼ଘଣାରେ ତୁର୍କୀ। ଭାରତର ସହ ଶତ୍ରୁତା କରି ତୁର୍କୀ ଅଡୁଆରେ ଫସିଯାଇଛି। ବୟକଟ ତୁର୍କୀ ଅଭିଯାନ ଜାରି ରହିଥିବା ବେଳେ ଏବେ ସେଠାରୁ ଆସୁଥିବା ସେଓ ବି ବର୍ଜନ କଲେଣି ଭାରତୀୟ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ, ଭାରତୀୟ ସେନା ଦ୍ୱାରା ଅପରେସନ୍ ସିନ୍ଦୂର ଆରମ୍ଭ ହୋଇଥିଲା। ଏହା ପରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା। ଏହି ସମୟରେ ତୁର୍କୀ ପାକିସ୍ତାନକୁ ସମର୍ଥନ ଦେବା ସହ ସାମରିକ ସାହାଯ୍ୟ କରିଥିଲା। ପାକିସ୍ତାନକୁ ତୁର୍କୀ ଡ୍ରୋନ୍ ଦେବାର ସହ ପରିଚାଳକ ଯୋଗାଇଥିଲା। ତୁର୍କୀର ପାକିସ୍ତାନ ପ୍ରେମ ଦେଖି ଭାରତୀୟଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ତୁର୍କୀର ଉତ୍ପାଦ ସବୁ ଭାରତରେ ଧିରେ ଧିରେ ବ୍ୟାନ ହେବାରେ ଲାଗିଛି। ସିନେମା ଶିଳ୍ପ ମଧ୍ୟ ତୁର୍କୀର କଳାକାରଙ୍କ ଉପରେ ବ୍ୟାନ ଲଗାଇଛି। ଏହାରି ଭିତରେ ତୁର୍କୀରୁ ଆସୁଥିବା ଲୋକପ୍ରିୟ ସେଓ ଉପରେ କଟକଣା ଲାଗିଲାଣି। ଅନେକ ବ୍ୟବସାୟୀ ସଂଘ ଏବେ ତୁର୍କୀରୁ ସେଓ ଆମଦାନୀ କରିବେ ନାହିଁ ବୋଲି



ଘୋଷଣା କରିଛନ୍ତି। ତେବେ ଭାରତରେ ତୁର୍କୀ ସେଓର ଡିମାଣ୍ଡ କେତେ? ତୁର୍କୀଠାରୁ ବାର୍ଷିକ କେତେ ଟଙ୍କାରେ ସେଓ କ୍ରୟ କରେ ଭାରତ? ରିପୋର୍ଟ ଅନୁସାରେ, ୨୦୨୧-୨୨ ମସିହାରେ ତୁର୍କୀରୁ ଭାରତକୁ ୫୬୩ କୋଟି ଟଙ୍କା, ୨୦୨୨-୨୩ ମସିହାରେ ୭୩୯ କୋଟି ଟଙ୍କା ଏବଂ ୨୦୨୩-୨୪ ମସିହାରେ ୮୨୧ କୋଟି ଟଙ୍କା ମୂଲ୍ୟର ସେଓ ଆସିଥିଲା। ତୁର୍କୀରୁ ଆମଦାନୀ ନିରନ୍ତର ବୃଦ୍ଧି ପାଉଥିବାରୁ ଭାରତରେ ସେଓର ସୁଲଭ ଉପଲବ୍ଧତା ରହିଛି। ତୁର୍କୀରୁ ଭାରତ ବହୁ ପରିମାଣରେ ସେଓ ଆମଦାନୀ କରିବା ଦ୍ୱାରା ସେଠାର ଚାଷୀ ବେଶ ଉପକୃତ ହେଉଛନ୍ତି ଏବଂ ସରକାରଙ୍କ ମଧ୍ୟ ଫାଇଦା ମିଳୁଛି। ଗୁଣବତ୍ତା ଏବଂ ମୂଲ୍ୟ କମ୍ ହେତୁ ଭାରତରେ ତୁର୍କୀ ସେଓ ବହୁତ ଲୋକପ୍ରିୟ। କିନ୍ତୁ ଏବେ ଭାରତୀୟ ତୁର୍କୀ ସେଓ ଖାଇବେ ନାହିଁ ବୋଲି ପଣ କରିଛନ୍ତି। ବୟକଟ୍ ତୁର୍କୀ ଅଭିଯାନର ପ୍ରଭାବ ଏହି ସେଓ ଉପରେ ପଡ଼ିଛି। ଫଳରେ ତୁର୍କୀର ଚାହିଦା ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ଭାରତୀୟ ବ୍ୟବସାୟୀମାନେ ଏବେ କାଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ୱାଶିଂଟନ, ଇରାନ ଏବଂ ନ୍ୟୁଜିଲ୍ୟାଣ୍ଡରୁ ସେଓ ଆମଦାନୀ କରୁଛନ୍ତି। ଏହା ଯୋଗୁଁ ତୁର୍କୀ ବହୁତ କ୍ଷତି ସହିବ। ଅଫ ସିଜିନରେ ମଧ୍ୟ ଭାରତୀୟ ବଜାରରେ ତୁର୍କୀ ସେଓର ଚାହିଦା ରହିଥାଏ। ଯଦି ଆମେ ଭାରତୀୟ ସେଓ ବିଷୟରେ କଥା ହେବା, ତେବେ ବର୍ଷର କିଛି ମାସରେ ଏହା ପ୍ରଚୁର ପରିମାଣରେ ଉପଲବ୍ଧ ହୋଇଥାଏ। କିନ୍ତୁ ଯେତେବେଳେ ଅଫ ସିଜିନ୍ ହୁଏ, ସେତେବେଳେ ଆମଦାନୀ ହୋଇଥିବା ସେଓ ଉପରେ ଭାରତର ନିର୍ଭରଶୀଳତା ବୃଦ୍ଧି ପାଏ।

# ବିଶ୍ୱର ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ଭାରତ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି: ଜାତିସଂଘ

**ନୂଆଦିଲ୍ଲୀ,(ହି.ସ):** ଜାତିସଂଘର ଏକ ସଦ୍ୟତମ ରିପୋର୍ଟ ଅନୁଯାୟୀ, ବିଶ୍ୱ ଅର୍ଥନୀତି ଏକ ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ରହିଥିବା ବେଳେ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ ଅର୍ଥନୀତି ଭାବେ ନିଜର ସ୍ଥାନ ଦୃଢ଼ କରିଛି। ଜାତିସଂଘର ମିଡ-ଇୟର ଅପଡେଟ୍ ରିପୋର୍ଟ 'ୱାର୍ଲ୍ଡ ଇକୋନୋମିକ ସିଚୁଏସନ ଆଣ୍ଡ ପ୍ରୋସପେକ୍ଟସ (ଡବ୍ଲୁଇଏସପି)' ଅନୁସାରେ, ୨୦୨୫ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ୬.୩% ହାରରେ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ୨୦୨୬ରେ କିଛି ଅଧିକ ହୋଇ ୬.୪% ହେବ। ଏହି ଅନୁମାନ ଜାନୁଆରୀ ୨୦୨୫ରେ କରାଯାଇଥିବା ୬.୬% ଅନୁମାନ ତୁଳନାରେ ୦.୩% କମ ହେଲେ ମଧ୍ୟ, ବିଶ୍ୱର ଅନ୍ୟ ବୃହତ ଅର୍ଥନୀତିଙ୍କ ତୁଳନାରେ ଭାରତର ଅଭିବୃଦ୍ଧି ଅତ୍ୟନ୍ତ ଶକ୍ତିଶାଳୀ ରହିଛି। ଜାତିସଂଘର ରିପୋର୍ଟ ଅନୁସାରେ, ବିଶ୍ୱ ଅର୍ଥନୀତି ୨୦୨୫ରେ ୨.୪% ହାରରେ ବୃଦ୍ଧି ପାଇବ, ଯାହା ବିଶ୍ୱବ୍ୟାପୀ ଅର୍ଥନୈତିକ ଅସ୍ଥିରତାକୁ ପ୍ରତିଫଳିତ କରୁଛି। ବୃଥିବା ବାଣିଜ୍ୟ ଉତ୍ତେଜନା, ନୀତିଗତ ଅନିଶ୍ଚିତତା ଏବଂ ଜିଓପୋଲିଟିକାଲ ସଂଘର୍ଷ ବିଶ୍ୱ ଅର୍ଥନୀତିର ଆଗାମୀ ଦିନଗୁଡ଼ିକୁ ଅଧିକ ଜଟିଳ କରିପାରେୟ ଜାତିସଂଘର ଅର୍ଥନୈତିକ ବିଶ୍ଳେଷଣ



ଓ ନୀତି ବିଭାଗର ନିର୍ଦ୍ଦେଶକ ଶାନ୍ତନୁ ମୁଖାର୍ଜୀ କହିଛନ୍ତି, ବିଶ୍ୱ ଅର୍ଥନୀତି ଏକ ନାର୍ଭସ ସମୟରେ ଅଛି। ଜାନୁଆରୀରେ ଆମେ ଦୁଇ ବର୍ଷର ସ୍ଥିର କିନ୍ତୁ ସାମାନ୍ୟ ବୃଦ୍ଧିର ଆଶା କରୁଥିଲୁ, କିନ୍ତୁ ଏହା ପରେ ସମ୍ଭାବନାଗୁଡ଼ିକ ହ୍ରାସ ପାଇଛି। ଏହି ପରିପ୍ରେକ୍ଷୀରେ, ଅନ୍ୟ ବୃହତ ଅର୍ଥନୀତିଙ୍କ ବୃଦ୍ଧି ହାର ଭାରତ ତୁଳନାରେ ବହୁତ କମ ରହିଛି। ଉଦାହରଣ ସ୍ୱରୂପ, ଚୀନର ଅର୍ଥନୀତି ୨୦୨୫ରେ ୪.୬% ଏବଂ ଆମେରିକା ୧.୬% ହାରରେ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି। ଜର୍ମାନୀରେ ଋଣାତ୍ମକ ବୃଦ୍ଧି (-୦.୧%) ଏବଂ ଜାପାନରେ ୦.୭% ବୃଦ୍ଧି ଆଶା କରାଯାଉଛି। ଇଉରୋପୀୟ ସଂଘର ମୋଟ ବୃଦ୍ଧି ହାର ୧% ରହିବ ବୋଲି ଆକଳନ କରାଯାଇଛି। ଜାତିସଂଘର ରିପୋର୍ଟ ଅନୁସାରେ, ଭାରତର ଅର୍ଥନୈତିକ ବୃଦ୍ଧି ମୁଖ୍ୟତଃ ଶକ୍ତିଶାଳୀ ଘରୋଇ ଉପଭୋଗ, ସରକାରୀ ବିନିଯୋଗ ଏବଂ ସେବା ରପ୍ତାନି ଦ୍ୱାରା ଚାଳିତ ହେଉଛି। ଫାର୍ମାସ୍ୟୁଟିକାଲ୍ସ ଏବଂ ଇଲେକ୍ଟ୍ରୋନିକ୍ସ ଭଳି ନିର୍ଦ୍ଦିଷ୍ଟ ପଣ୍ୟ କ୍ଷେତ୍ରରେ ମଧ୍ୟ ରପ୍ତାନି ବୃଦ୍ଧି ଭାରତର ଅର୍ଥନୀତିକୁ ସମୃଦ୍ଧ କରୁଛି। ଅନ୍ୟପକ୍ଷରେ, ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ବିସ୍ତାର ଭାରତର ଅର୍ଥନୈତିକ ଗତିଶୀଳତାକୁ ଆଗେଇ ନେଉଛି। ଭାରତର ଅବକାଶଗତ ବିକାଶ ମଧ୍ୟ ଏହି ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଭାରତମାଳା ପରିଯୋଜନା, ପ୍ରଧାନମନ୍ତ୍ରୀ ଗତି ଶକ୍ତି ଏବଂ ଡିଜିଟାଲ ଇଣ୍ଡିଆ ଭଳି ପଦକ୍ଷେପ ଗୁଡ଼ିକ ଦେଶର ସଂଯୋଗିକତା ଏବଂ ଲଜିଷ୍ଟିକ୍ସ ଦକ୍ଷତାକୁ ବୃଦ୍ଧି କରିଛି, ଯାହା ଘରୋଇ କ୍ଷେତ୍ରର ଉତ୍ପାଦନକ୍ଷମତାକୁ ବଢ଼ାଇଛି। ଏହା ସହିତ, ବିଦେଶୀ ପ୍ରତ୍ୟକ୍ଷ ବିନିଯୋଗ (ଋଡ଼ଓ) ଆକର୍ଷଣ କରିବା ଏବଂ ରପ୍ତାନି ପ୍ରୋତ୍ସାହନ ନୀତି ଭାରତକୁ ବିଶ୍ୱ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଭାବେ ପ୍ରତିଷ୍ଠିତ କରିଛି। ଯଦିଓ ଭାରତର ଅର୍ଥନୈତିକ ବୃଦ୍ଧି ପ୍ରଶଂସନୀୟ, ରିପୋର୍ଟ କେତେକ ଚ୍ୟାଲେଞ୍ଜକୁ ମଧ୍ୟ ଉଜାଗର କରିଛି। ରୋଜଗାର ସ୍ଥିତି ସ୍ଥିର ରହିଥିଲେ ମଧ୍ୟ, ଲିଙ୍ଗ-ଆଧାରିତ ଅସମାନତା ଏବଂ ଶ୍ରମଶକ୍ତି ଅଂଶଗ୍ରହଣ ହାରରେ ଅଭାବ ଏକ ବଡ଼ ଚିନ୍ତାର ବିଷୟ। ଭାରତର ମୋଟ ଶ୍ରମଶକ୍ତି ଅଂଶଗ୍ରହଣ ହାର ୨୦୨୪ରେ ୪୯.୬% ଏବଂ ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର ୨୪.୧% ରହିଛି, ଯାହା ଅନ୍ୟ ସମକକ୍ଷ ଦେଶଗୁଡ଼ିକ ତୁଳନାରେ ସର୍ବନିମ୍ନ। ଏହା ସୂଚାଇଛି ଯେ ଅଧିକ ଅନ୍ତର୍ଭୁକ୍ତି ମୂଳକ ଶ୍ରମବଜାର ନୀତିର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ, ଜାତିସଂଘ ରିପୋର୍ଟ ଭାରତ ପାଇଁ କେତେକ ସମ୍ଭାବନାକୁ ମଧ୍ୟ ଚିହ୍ନଟ କରିଛି। ଶକ୍ତି ସଂକ୍ରମଣ ପାଇଁ ଲିଥିୟମ, କୋବାଲ୍ଟ ଏବଂ ରେୟାର ଆର୍ଥ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି ଦକ୍ଷିଣ ଏସୀୟ ଦେଶଗୁଡ଼ିକ, ବିଶେଷକରି ଭାରତ ପାଇଁ ନୂଆ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିପାରେୟ ତେବେ, ଏହାର ସ୍ଥାୟୀ ବ୍ୟବହାର ଏବଂ ନିରାପଦ ଶ୍ରମ ଅଭ୍ୟାସ ପାଇଁ ଦୃଢ଼ ନୀତି ଆବଶ୍ୟକ ବୋଲି ଜାତିସଂଘ ସୂଚନା ଦେଇଛି। ଆନ୍ତର୍ଜାତୀୟ ମୁଦ୍ରା ନିଧି (ଓଗର) ଏବଂ ୱାର୍ଲ୍ଡ ବ୍ୟାଙ୍କ ଭଳି ଅନ୍ୟ ବୃହତ ବହୁପାକ୍ଷିକ ସଂଗଠନ ଗୁଡ଼ିକ ମଧ୍ୟ ଭାରତର ଅର୍ଥନୈତିକ ଅଗ୍ରଗତିକୁ ପ୍ରଶଂସା କରିଛନ୍ତି। ଅନୁଯାୟୀ, ଭାରତ ୨୦୨୪ରେ ୭% ଏବଂ ୨୦୨୫ରେ ୬.୫% ହାରରେ ବୃଦ୍ଧି ପାଇବ, ଯାହା ଦେଶକୁ ଆଗାମୀ ବର୍ଷଗୁଡ଼ିକରେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଭାବେ ପ୍ରତିଷ୍ଠିତ କରିବ। ଏହା ସହିତ, ଆନ୍ତର୍ଜାତୀୟ ମୁଦ୍ରା କୋଷର 'ୱାର୍ଲ୍ଡ ଇକୋନୋମିକ ଆଉଟଲୁକ' ରିପୋର୍ଟ ଅନୁସାରେ, ଭାରତ ୨୦୨୫ ମଧ୍ୟରେ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହେବ ଏବଂ ୨୦୨୭ ସୁଦ୍ଧା ଜର୍ମାନୀକୁ ଅତିକ୍ରମ କରି ତୃତୀୟ ସ୍ଥାନ ଅଧିକାର କରିବ। ଭାରତର ଅର୍ଥନୈତିକ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ନୀତିଗୁଡ଼ିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛିୟ ଡିଜିଟାଲ ଅବକାଶଗତ ଉନ୍ନୟନ, ଜାତୀୟ ଲଜିଷ୍ଟିକ୍ସ ନୀତି ଏବଂ 'ମେକ ଇନ ଇଣ୍ଡିଆ' ଭଳି ଉଦ୍ୟମ ଗୁଡ଼ିକ ଭାରତର ବିଶ୍ୱବ୍ୟାପୀ ପ୍ରତିଯୋଗିତାକୁ ପାଇଛି। ତଥାପି, ଉଚ୍ଚ ଶୁଳ୍କ ଏବଂ ଅଣ-ଶୁଳ୍କ ବାଧାଗୁଡ଼ିକ ଦେଶର ବାଣିଜ୍ୟ ସମ୍ଭାବନାକୁ ସୀମିତ କରିପାରେ ବୋଲି ବିଶ୍ୱବ୍ୟାଙ୍କ ଚେତାବନୀ ଦେଇଛି।



# ନୂତନ ମଲ୍ଟି ଏଜେନ୍ସି ସେଣ୍ଟରକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଉଦଘାଟିତ

**ନୂଆଦିଲ୍ଲୀ, (ହି.ସ):** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀର ନର୍ଥ ବ୍ଲକରେ ନୂତନ ମଲ୍ଟି ଏଜେନ୍ସି ସେଣ୍ଟର (ମାକ୍) କୁ ଉଦଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ଅପରେସନ୍ ସିନ୍ଦୂର ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ଗୁଇନ୍ଦା ଏଜେନ୍ସିର ସଠିକ ସୂଚନା ଏବଂ ଆମର ତିନି ସଶସ୍ତ୍ର ବାହିନୀର ତ୍ରୁଟିହୀନ ଆକ୍ରମଣ କ୍ଷମତାର ଏକ ଅନନ୍ୟ ପ୍ରତୀକ। ସେ କହିଥିଲେ ଯେ ଭାରତ ନିଜର ତିନି ସଶସ୍ତ୍ର ବାହିନୀ, ସୀମା ସୁରକ୍ଷା ବାହିନୀ ଏବଂ ସମସ୍ତ ସୁରକ୍ଷା ସଂସ୍ଥାକୁ ନେଇ ଗର୍ବିତ। ନିକଟରେ ଛତିଶଗଡ଼-ତେଲେଙ୍ଗାନା ସୀମାରେ କାରେଗାଟାଲୁ ପାହାଡ଼ (କେଜିଏଚ) ରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ) ଦ୍ୱାରା କରାଯାଇଥିବା ଐତିହାସିକ ନକ୍ସଲ ବିରୋଧୀ ଅପରେସନ ବିଷୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ, ନକ୍ସଲମାନଙ୍କ ବିରୋଧରେ ଏହି ଐତିହାସିକ ଅପରେସନ ଆମ ସୁରକ୍ଷା ବାହିନୀ ମଧ୍ୟରେ ଉତ୍କୃଷ୍ଟ ସମନ୍ୱୟକୁ ଦର୍ଶାଉଛି। ଶ୍ରୀ ଶାହ କହିଥିଲେ ଯେ ଅପରେସନ ସିନ୍ଦୂର ସମୟରେ ମଧ୍ୟ ଅନୁରୂପ ସମନ୍ୱୟ ଦେଖିବାକୁ ମିଳିଥିଲା, ଯାହା ଦର୍ଶାଉଛି ଯେ ଏହି କାର୍ଯ୍ୟ ସମ୍ପାଦନ କରିବାରେ ଆମର ଗୁଇନ୍ଦା ସଂସ୍ଥା ଏବଂ ତିନୋଟି ସଶସ୍ତ୍ର ବାହିନୀର ପ୍ରକ୍ରିୟା ଏବଂ ଚିନ୍ତାଧାରାରେ ବହୁତ ଭଲ ସମନ୍ୱୟ ରହିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଆଜିର ପରିବେଶରେ ସମ୍ମୁଖୀନ ହେଉଥିବା ଜଟିଳ ଏବଂ ଆନ୍ତଃସଂଯୁକ୍ତ ଜାତୀୟ ସୁରକ୍ଷା ଆହ୍ୱାନର ମୁକାବିଲା କରିବାରେ ସମସ୍ତ ଏଜେନ୍ସି ଗୁଡ଼ିକର ପ୍ରୟାସକୁ



ସମନ୍ୱୟ କରିବା ପାଇଁ ନୂତନ ମାକ୍ ଏକ ନିରବଚ୍ଛିନ୍ନ ଏବଂ ସମନ୍ୱିତ ମଞ୍ଚ ପ୍ରଦାନ କରିବ। ସେ ଆଶା ବ୍ୟକ୍ତ କରିଥିଲେ ଯେ ଏହି ନୂତନ ନେଟୱାର୍କ ଆତଙ୍କବାଦ, ଉଗ୍ରବାଦ, ସଙ୍ଗଠିତ ଅପରାଧ ଏବଂ ସାଇବର ଆକ୍ରମଣ ଭଳି ଗମ୍ଭୀର ବିପଦର ମୁକାବିଲା ପାଇଁ ଦେଶର ପ୍ରୟାସକୁ ସୁଦୃଢ଼ କରିବ। ଅମିତ ଶାହ ନୂତନ ମାକ୍. ନେଟୱାର୍କକୁ ପ୍ରଶଂସା କରିଥିଲେ ଏବଂ ରେକର୍ଡ ସମୟ ମଧ୍ୟରେ ହାର୍ଡୱେର୍ ଏବଂ ସଫ୍ଟୱେର୍ ସମ୍ବନ୍ଧୀୟ କାର୍ଯ୍ୟ ସଫଳତାର ସହ ସମାପ୍ତ ହୋଇଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ ଏହା ମାକ୍ ଏବଂ ଜିଆଇଏସ୍ ସେବା ସହିତ ବିଶାଳ ଡାଟାବେସର ସାମର୍ଥ୍ୟକୁ ଉପଯୋଗ କରିବା ପାଇଁ ଅନ୍ତର୍ନିର୍ମିତ ଏ. ଆଇ./ଏମ୍. ଏଲ୍. କୌଶଳ ଭଳି ଭବିଷ୍ୟତ ସାମର୍ଥ୍ୟକୁ ଅନ୍ତର୍ଭୁକ୍ତ କରିଥାଏୟ ନୂତନ ମାକ୍ ସହିତ ଉପଲବ୍ଧ ଉତ୍ତତ ତଥ୍ୟ ବିଶ୍ଳେଷଣର ଲାଭ ଉଠାଇବା ପାଇଁ ଏହି ମଞ୍ଚରେ ବିଭିନ୍ନ କେନ୍ଦ୍ରୀୟ ଏଜେନ୍ସି ସହିତ ବିଭିନ୍ନ ସାଇଲୋରେ ରଖାଯାଇଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଡାଟାବେସ୍ ଗୁଡ଼ିକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ସେ ଭବିଷ୍ୟତର ରୋଡମ୍ୟାପ୍ ମଧ୍ୟ ରଖିଥିଲେ। ଶ୍ରୀ ଶାହ କହିଛନ୍ତି ଯେ ଏହି ନୂତନ ନେଟୱାର୍କ ଦ୍ୱାରା ମାକ୍ ନେଟୱାର୍କରେ ଉତ୍ପନ୍ନ ତଥ୍ୟ ବିଶ୍ଳେଷଣର ଗୁଣବତ୍ତା ଉଚ୍ଚ ସ୍ତରକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି, ଯାହା ସଠିକ ଧାରା ବିଶ୍ଳେଷଣ, ହଟସ୍ପଟ୍ ମ୍ୟାପିଂ ଏବଂ ସମୟ ବିଶ୍ଳେଷଣକୁ ପୂର୍ବାନୁମାନ ଏବଂ ପରିଚାଳନା ଫଳାଫଳ ଦେବାରେ ସକ୍ଷମ କରିବ। ନୂତନ ମାକ୍ ସଂଗଠିତ ଅପରାଧ ସହିତ ଜଟିଳ ସମ୍ପର୍କ ଥିବା ଆତଙ୍କବାଦୀ ଇକୋସିଷ୍ଟମର ମୁକାବିଲା କରିବାରେ ଏକ ଦୀର୍ଘ ପଥରେ ସହାୟକ ହେବ। ଭାରତର ଅଗ୍ରଣୀ ଗୁଇନ୍ଦା ମିଶ୍ରଣ କେନ୍ଦ୍ର ଭାବେ, ମଲ୍ଟି ଏଜେନ୍ସି ସେଣ୍ଟର (ମାକ୍) ୨୦୦୧ ମସିହାରୁ ବିଦ୍ୟମାନ ରହିଛି ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ମାକ୍ର ବୈଷୟିକ ଉତ୍ତତିକରଣ ଦିଗରେ ସକ୍ରିୟ ଭାବେ ମାର୍ଗଦର୍ଶନ କରିଆସୁଛନ୍ତି। ଇଣ୍ଟେଲିଜେନ୍ସ ବ୍ୟୁରୋର ନୂତନ ମାକ୍ ସମସ୍ତ ଗୁଇନ୍ଦା, ସୁରକ୍ଷା, ଆଇନ ପ୍ରବର୍ତ୍ତନ ଏବଂ ଅନୁସନ୍ଧାନକାରୀ ସଂସ୍ଥାକୁ ଯୋଡ଼ିଛି। ୫୦୦ କୋଟିରୁ ଅଧିକ ବ୍ୟୟରେ କାର୍ଯ୍ୟକାରୀ ହୋଇଥିବା ଏହି ନୂତନ ମାକ୍ ନେଟୱାର୍କରେ ଉଭୟ ଗୁଣାତ୍ମକ ଏବଂ ପରିମାଣାତ୍ମକ ପରିବର୍ତ୍ତନ ହୋଇଛି। ଦେଶର ଦୀର୍ଘ ଏବଂ ବିସ୍ତୃତ ଅଞ୍ଚଳରେ ବ୍ୟାପ୍ତ ନୂତନ ମାକ୍ ନେଟୱାର୍କ ଦେଶର ଦ୍ୱୀପ ଅଞ୍ଚଳ, ବିଦ୍ରୋହ ପ୍ରଭାବିତ ଅଞ୍ଚଳ ଏବଂ ପାର୍ବତ୍ୟାଞ୍ଚଳକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇଛି, ଯାହା ଏକ ଦ୍ରୁତ ଏବଂ ସ୍ୱତନ୍ତ୍ର ସୁରକ୍ଷିତ ନେଟୱାର୍କ ସହିତ ଦୁର୍ଗମ ଅଞ୍ଚଳରେ ଜିଲ୍ଲା ଏସ୍. ପି. ସ୍ତର ପର୍ଯ୍ୟନ୍ତ ଶେଷ ମାଇଲ ସଂଯୋଗକୁ ସୁନିଶ୍ଚିତ କରିଛି।

# ମାନବ ଚାଲାଣରୁ ରୋକିଲା ରେଳ ସୁରକ୍ଷା ବଳ

**ନୂଆଦିଲ୍ଲୀ:** ରାକ୍ସୌଲ ରେଳ ଷ୍ଟେସନରେ ମଇ ୧୩ ତାରିଖ ସକାଳେ ରେଳ ସୁରକ୍ଷା ବଳ(ଆରପିଏଫ) ଏକ ସଫଳ ଅଭିଯାନ ଚଳାଇ ଚାରି ନାବାଳିକାଙ୍କୁ ମାନବ ଚାଲାଣରୁ ଉଦ୍ଧାର କରିଛି। ୧୩ ରୁ ୧୭ ବର୍ଷ ବୟସର ଏହି ଝିଅମାନଙ୍କୁ ଆରପିଏଫ, ଜିଆରପି ରାକ୍ସୌଲ, ଏସଏସବି ହ୍ୟୁମାନ ଟ୍ରାଫିକିଂ ୟୁନିଟ, ରେଳ ଚାଇଲ୍ଡଲାଇନ-ରାକ୍ସୌଲ ଏବଂ ଏନଜିଓ ପ୍ରୟାସ ଜୁଭେନାଇଲ ଏଡ ସେଣ୍ଟର ସହଯୋଗରେ ରାକ୍ସୌଲ-ଆନନ୍ଦ ବିହାର ସତ୍ୟାଗ୍ରହ ଏକ୍ସପ୍ରେସରୁ ଉଦ୍ଧାର କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ନେପାଳରୁ ଏହି ନାବାଳିକାମାନଙ୍କୁ ଚାକିରି ଓ ଗୋରଖପୁରରେ ନିଖୋଜ ସମ୍ପର୍କୀୟଙ୍କୁ ଖୋଜିବା ନାମରେ ଭୁଲ ପ୍ରତିଶ୍ରୁତି ଦେଇ ମାନବ ଚାଲାଣ କରାଯାଉଥିଲା। ସେମାନଙ୍କ ପରିବାର ଏହି ଯାତ୍ରା ବିଷୟରେ କିଛି ଜାଣି ନଥିଲେ। ଯାହା ଚାଲାଣରୀଙ୍କର ଏକ ସାଧାରଣ କୌଶଳ ଭାବେ ଜଣାଶୁଣା। ଏହି ମାନବ ଚାଲାଣ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରାଯାଇଛି। ତେବେ ଉଦ୍ଧାର ହୋଇଥିବା ନାବାଳିକାମାନଙ୍କୁ ଶିଶୁ ସୁରକ୍ଷା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଜିଆରପି ରାକ୍ସୌଲରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ଜୁଭେନାଇଲ ଜଷ୍ଟିସ ଆକ୍ଟ ଏବଂ ଶିଶୁ ଶ୍ରମ ନିଷେଧ ଆଇନ ଅନୁଯାୟୀ ଏକ ଏଫଆଇଆର ମଧ୍ୟ ରୁଜୁ କରାଯାଇଛି। ଆରପିଏଫ ମହାନିର୍ଦ୍ଦେଶକ ମନୋଜ ଯାଦବ ସୂଚନା ଦେଇ କହିଛନ୍ତି ଯେ, ଏହି ଘଟଣା ମାନବ ଚାଲାଣର ଭୟାବହତାକୁ ପୁନର୍ବାର ସାମ୍ନାକୁ ଆଣିଛି। ଆଗକୁ ଆମେ ସବୁବେଳେ ସତର୍କ ରହିବୁ। ଯାତ୍ରୀମାନଙ୍କୁ ଅନୁରୋଧ, କିଛି ସନ୍ଦେହଜନକ ଦେଖିଲେ ୧୩୯ ନମ୍ବରରେ ସୂଚନା ଦିଅନ୍ତୁ ଆପଣଙ୍କ ଏକ ପଦକ୍ଷେପ କାହା ଜୀବନ ବଦଳାଇ ଦେଇପାରେ। ଏହି ଉଦ୍ଧାର ଆରପିଏଫର ଅପରେସନ ଏଏଚଟି (ଆକ୍ସନ ଏଗେନଷ୍ଟ ହ୍ୟୁମାନ ଟ୍ରାଫିକିଂ)ର ଏକ ଅଂଶ ବିଶେଶ ଥିଲା ବୋଲି ଜଣାପଡିଛି।

# ଶିକ୍ଷା ସହିତ ଦକ୍ଷତା ବିକାଶର ସମନ୍ୱୟ ହେବା ଆବଶ୍ୟକ: ରାଜ୍ୟପାଳ




ଭୁବନେଶ୍ୱର, (ଡିକେ ନ୍ୟୁଜ୍): ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କର୍ମଶକ୍ତି ସୃଷ୍ଟି କରିବା ପାଇଁ ଶିକ୍ଷା ସହିତ ଦକ୍ଷତା ବିକାଶର ସମନ୍ୱୟ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଚଳିତ ଶୁକ୍ରବାର ସ୍କିଲ ଡେଭଲପ୍‌ମେଂଟ ଇନ୍‌ଷ୍ଟିଚ୍ୟୁଟ, ଭୁବନେଶ୍ୱରଠାରେ "ସ୍କିଲ ଅନ୍ ହ୍ୱିଲ୍"ର ଶୁଭାରମ୍ଭ କରିବା ସହିତ ଜାତୀୟ ଦକ୍ଷତା ବିକାଶ ପରିଷଦ ସହଯୋଗରେ ସ୍ଥାପିତ ଇଂଟରନେସ୍‌ନାଲ ସେଂଟରର ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଏହି ଉପଲକ୍ଷେ ଏସ.ଡି.ଆଇ. ପ୍ରେକ୍ଷାଳୟଠାରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି – ୨୦୨୦ରେ ଉଚ୍ଚ ଶିକ୍ଷା ସହିତ ଦକ୍ଷତା ବିକାଶକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ଆଜିର ଜଗତୀକରଣ ବିଶ୍ୱରେ ଉତ୍ପାଦକତା ବୃଦ୍ଧି, ଆର୍ଥିକ ଅଭିବୃଦ୍ଧି ଏବଂ ସମାଜକୁ ସଶକ୍ତ କରିବା ପାଇଁ ଦକ୍ଷତା ବିକାଶ ଅତ୍ୟନ୍ତ ଜରୁରୀ। ଦକ୍ଷତା ବିକାଶରେ ଉଦ୍ୟୋମିତା ପାଇଁ ସହଯୋଗ ଓ ସମର୍ଥନ ଅନ୍ତର୍ଭୁକ୍ତ ହେବା ଉଚିତ୍। ଅନୁଷ୍ଠାନଗୁଡ଼ିକ ମଧ୍ୟ ବୈଷୟିକ ଦକ୍ଷତା ଶିକ୍ଷା ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ବ୍ୟବସାୟ ଆରମ୍ଭ କରିବା, ପାଣ୍ଠି ଯୋଗାଡ କରିବା ଏବଂ ସୁଯୋଗ ଖୋଜିବା ବିଷୟରେ ମାର୍ଗଦର୍ଶନ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ। ବାଲ୍ୟକାଳରୁ ପିଲାଙ୍କୁ ବୃତିଗତ ଶିକ୍ଷା ପ୍ରଦାନ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରି କହିଥିଲେ ଯେ, ପିଲାମାନେ ବୟସ୍କଙ୍କ ତୁଳନାରେ ଶୀଘ୍ର ଶିଖନ୍ତି ଏବଂ ପାଠ୍ୟକ୍ରମର ଏକ ଅଂଶ ଭାବେ ସେମାନଙ୍କୁ ବୃତିଗତ ତାଲିମ ସହିତ ପରିଚିତ କରାଇବା ଉଚିତ୍। ସ୍କିଲ ଇଣ୍ଡିଆ ମିଶନ ସଂପର୍କରେ ରାଜ୍ୟପାଳ ଅବତାରଣା କରି ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ ହେଇଥିବା ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏ ଦିଗରେ ଓଡିଶାର ଅବଦାନକୁ ପ୍ରଶଂସା କରିଥିଲେ। ଓଡିଶା ଦକ୍ଷତା ବିକାଶ ଏବଂ ନିଯୁକ୍ତିର ହବ୍ ଭାବେ ଉଭା ହେଉଥିବାରୁ ରାଜ୍ୟପାଳ ଖୁସି ପ୍ରକଟ କରିଥିଲେ। ଇଂଜିନିୟରିଂ, ପଲିଟେକ୍‌ନିକ ଏବଂ ଆଇ.ଟି.ଆଇ ଛାତ୍ରଛାତ୍ରୀଙ୍କ ପାଇଁ ଫିନିସିଂ ସ୍କୁଲ ଭାବରେ ସ୍କିଲ ଡେଭଲପ୍‌ମେଂଟ ଇନ୍‌ଷ୍ଟିଚ୍ୟୁଟର ଭୂମିକାକୁ ପ୍ରଶଂସା କରିଥିଲେ। ଏନ.ଏସ୍?.ଡି.ସି. (ଜାତୀୟ ଦକ୍ଷତା ବିକାଶ ପରିଷଦ) ସହଯୋଗରେ ସ୍ଥାପିତ ଇଂଟରନେସନାଲ୍ ସେଂଟର ଯୁବପୀଢ଼ିକୁ ବିଦେଶରେ ନିଯୁକ୍ତି ପାଇଁ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରି ଏହି ଅନୁଷ୍ଠାନ ବୈଷୟିକ ଦକ୍ଷତା ପାଇଁ ଶିକ୍ଷା ପ୍ରଦାନ ସହ ଦାୟିତ୍ୱବାନ ଏବଂ ଦକ୍ଷ ଯୁବପିଢ଼ୀ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା "ବିକଶିତ ଓଡିଶା – ବିକଶିତ ଭାରତ" ଗଠନ ପାଇଁ ଅବଦାନ ରଖିବ ବୋଲି କହିବା ସହିତ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ବକ୍ତବ୍ୟ ପ୍ରଦନା କରି ଯୁବ ବର୍ଗ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାର ଭରପୁର ସୁଯୋଗ ନେବା ସହିତ ବାର୍ତାବହ ହେବାକୁ ଆହ୍ୱାନ ଜଣାଇଥିଲେ। ସ୍କିଲ ଡେଭଲେପ୍‌ମେଂଟ ଇନ୍‌ଷ୍ଟିଚ୍ୟୁଟର ଅଧକ୍ଷା ରଶ୍ମୀ ଗୋଭିଲ ଏହି ସମାରୋହରେ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସ୍କିଲ ଡେଭଲେପ୍‌ମେଂଟ ଇନ୍‌ଷ୍ଟିଚ୍ୟୁଟର କର୍ମକର୍ତାମାନେ ପ୍ରତିଷ୍ଠାନର କାର୍ଯ୍ୟଧାରା,ପାଠ୍ୟକ୍ରମ, ଛାତ୍ରଛାତ୍ରୀ ଏବଂ ଭବିଷ୍ୟତ ଯୋଜନା ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପରେ ରାଜ୍ୟପାଳ ପ୍ରତିଷ୍ଠାନର ପରିସର ଏବଂ ବିଭିନ୍ନ ବିଭାଗର ଲାବରାଟୋରୀ ପରିଦର୍ଶନ କରିଥିଲେ।

# ସିନ୍ଦୂର ଯାତ୍ରାରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ହି.ସ): ଅପରେସନ ସିନ୍ଦୁରର ସଫଳତା ପାଳନ ଅବସରରେ ଭୁବନେଶ୍ୱରର ମାଷ୍ଟରକ୍ୟାଂଟିନ ଠାରେ ଆୟୋଜିତ ସିନ୍ଦୂର ଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଅପରେସନ ସିନ୍ଦୂର କେବଳ ଏକ ନାମ ନୁହେଁ, ଭାରତୀୟ ସେନାର ସାହସ ଓ ନାରୀ ସମ୍ମାନର ଏହା ଏକ ଅଭିନବ ସମାହାର। ଆମର ବୀର ଯବାନମାନଙ୍କୁ ଏହି ପଦଯାତ୍ରା ଦ୍ୱାରା ଆମେ ସ୍ମରଣ କରୁଛୁ ବୋଲି କହିଥିଲେ। ସୂଚନାଯୋଗ୍ୟଯେ, ରାଜ୍ୟରେ ମହିଳା ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ମିଶନ ଶକ୍ତି ବିଭାଗ ଦ୍ୱାରା ମୁଖ୍ୟତଃ ମହିଳା ମାନଙ୍କୁ ନେଇ ଆୟୋଜିତ ଏହି ପଦଯାତ୍ରା ମାଷ୍ଟରକ୍ୟାଂଟିନ ରୋଡ୍ ଠାରୁ ଆରମ୍ଭ ହୋଇ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ ମହିଳା ଯୋଗ ଦେଇଥିବା ବେଳେ, ଭାରତୀୟ ନୌସେନାର ସର୍ଜେଂଟ୍ ଲେଫ୍ଟେନାଂଟ୍ କମାଣ୍ଡର, ଅନନ୍ୟା ଦଳବେହେରା, ଓ ପେହେଲଗାଓଁ ଠାରେ ସହିଦ୍ ହୋଇଥିବା ପ୍ରଶାନ୍ତ ଶତପଥୀଙ୍କ ଧର୍ମପତ୍ନୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଉପସ୍ଥିତ ରହି ଏହି ଅପରେସନ ସିନ୍ଦୁର ସଫଳତାର ପଦଯାତ୍ରାରେ ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେଯେ, ଭାରତୀୟ ନାରୀଟିଏ ମଥାରେ ସିନ୍ଦୁର ପିନ୍ଧିଲା ସମୟରେ ଏହା ସଂକଳ୍ପ ନେଇଥାଏ ଯେ ସେ ନିଜ ସ୍ୱାମୀ ଓ ପରିବାର ପାଇଁ ସମସ୍ତ ବାଧାବିଘ୍ନକୁ ସହି ଏକ ସୁଦୃଢ଼ କବଚ ଭାବେ ସୁରକ୍ଷା ଦେବ। ସିନ୍ଦୁରର ରଙ୍ଗ ନାଲି। ଏହି ନାଲି ରଙ୍ଗ ବିଜୟର ପ୍ରତୀକ ଏବଂ ବିପଦର ମଧ ପ୍ରତୀକ। ପ୍ରଧାନମନ୍ତ୍ରୀ ମୋଦୀଜୀ ଏହି ସିନ୍ଦୁରର ନାଲି ରଙ୍ଗକୁ ଶତ୍ରୁମାନଙ୍କ ପାଇଁ ବିପଦ ଏବଂ ଭାରତବାସୀଙ୍କ ପାଇଁ ବିଜୟର ସଂକେତ ଦେଇ, ଏହି ମିଶନର ନାଁ ଅପରେସନ୍ ସିନ୍ଦୁର ରଖିଛନ୍ତି। ଯେପରି ସିନ୍ଦୂର ପ୍ରତ୍ୟେକ ଭାରତୀୟ ନାରୀଙ୍କର ଗର୍ବ ଓ ଗୌରବ ସେପରି ଆମ ଭାରତୀୟ ଯବାନ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ। ଆମ ଯବାନମାନଙ୍କର ଅଭୁତପୂର୍ବ ପରାକ୍ରମ ଓ ଶୌର୍ଯ୍ୟ ପାଇଁ ମୁଁ ସେମାନଙ୍କୁ ଅଶେଷ ଅଶେଷ ଅଭିନନ୍ଦନ ଜଣାଉଛି। ଆଜିର ଏହି ଯାତ୍ରା କେବଳ ଏକ ପଦଯାତ୍ରା ନୁହେଁ, ଏହା ହେଉଛି ମାତୃଭୂମି ପ୍ରତି ଆମର ସମର୍ପଣ, ସାହସ ଓ ଶକ୍ତିର ନିଦର୍ଶନ ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ଆପଣମାନେ କର୍ଣ୍ଣେଲ ସୋଫିଆ କ୍ୟୁରେସି ଓ ୱିଙ୍ଗ କମାଣ୍ଡର ଭ୍ୟୋମିକା ସିଂହଙ୍କୁ ଟେଲିଭିଜନରେ ଦେଖିଥିବେ। ଉଭୟ ଆଜି ବନି ଯାଇଛନ୍ତି ଭାରତୀୟ ନାରୀ ଶକ୍ତିର ପ୍ରତୀକ। ଆମ ସେନା ବାହିନୀର ନାରୀ ଶକ୍ତିର ସାହସ, ବୁଦ୍ଧିମତା ଓ ଦୃଢ଼ ସଂକଳ୍ପର ଏକ ଉଦାହରଣ ଆଜି ମୁଁ ଆପଣମାନଙ୍କ ମଧ୍ୟରେ ଦେଖିପାରୁଛି। ଓଡ଼ିଶା ସରକାର ଓ ଓଡ଼ିଶାର ଜନସାଧାରଣ ଏବେ ନାରୀଶକ୍ତିକୁ ଆଗରେ ରଖୁଛନ୍ତି। ବିଭିନ୍ନ କ୍ଷେତ୍ରରେ ନାରୀମାନଙ୍କ ବିକାଶ ପାଇଁ ଆମେ ଅନେକ ଯୋଜନା ଓ ସୁଯୋଗ ସୃଷ୍ଟି କରିଛୁ, ଯାହା ଦ୍ୱାରା ଆପଣମାନେ ଆପଣଙ୍କ ଶକ୍ତିକୁ ପରିପ୍ରକାଶ କରିପାରିବେ। ଉକ୍ତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢୀ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ନର୍ଲା ବିଧାୟିକା, ମନୋରମା ମହାନ୍ତି, ହିନ୍ଦୋଳ ବିଧାୟିକା, ସୀମା ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ, କମିଶନର ତଥା ଶାସନ ସଚିବ, ମିଶନ ଶକ୍ତି, ଶାଳିନୀ ପଣ୍ଡିତ, ମିଶନ ଶକ୍ତି ନିର୍ଦ୍ଦେଶିକା, ମୋନିକା ପ୍ରିୟଦର୍ଶନୀ, ସମାଜସେବୀ ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସହରରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ସଂପର୍କରେ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଅଧିକ ବର୍ଷା ହେଲେ ଭୁବନେଶ୍ୱର ସହରର ବିଭି। ଅଂଚଳରେ ଦେଖାଦେଉଥିବା ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ସମୀକ୍ଷା କରିଥିଲେ। ଆଗାମୀ ବର୍ଷା ଦିନ ପୂର୍ବରୁ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ଅଂଚଳରେ ରହୁଥିବା ଜଳ ନିଷ୍କାସନ ସମସ୍ୟା ପ୍ରତି ତ୍ୱରିତ ପଦକ୍ଷେପ ନେଇ କାର୍ଯ୍ୟ ସାରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ଡଃ.ଏନ୍.ଥିରୁମାଲା ନାୟକ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ସହରରେ ଅଧିକ ବର୍ଷା ହେଲେ, ଯେଉଁ ଯେଉଁ ଅଂଚଳରେ ବର୍ଷା ଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ପୁଙ୍ଖାନୁପୁଙ୍ଖ ବୁଝି ଆଲୋଚନା ପୂର୍ବକ ଯେଉଁ ଯେଉଁ କାମ ଅଗ୍ରାଧିକାର ଭିତ୍ତିରେ କରିବାକୁ ପଡିବ, ସେ ସଂପର୍କରେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବିଏମସି କମିଶନର ସହରରେ ଥିବା ଡ୍ରେନେଜ ସିଷ୍ଟମ ସଂପର୍କରେ ଏକ ଉପସ୍ଥାପନ କରିଥିଲେ। ସହରରେ ୭୭.୦୭ କି.ମି ବିଶିଷ୍ଟ ୧୫ଟି ମୁଖ୍ୟ ପ୍ରାକୃତିକ ଡ୍ରେନ୍ ଥିବା ବେଳେ ବିଏମସି ଅଂଚଳରେ ବିସ୍ତୃତ ଭାବେ ୧୮୩୯ କି.ମି ଇଣ୍ଟରନାଲ ଡ୍ରେନ ରହିଛି। ସେଥିରୁ ବିଏମସି ଅଧିନରେ ୧୩୮୦ କି.ମି, ପୂର୍ତ୍ତ ବିଭାଗ ଅଧିନରେ ୩୬୦.୨୨ କି.ମି, ଇଡକୋ ଅଧିନରେ ୬୫.୦୨ କି.ମି ଏବଂ ଜାତୀୟ ରାଜପଥ ଅନ୍ତର୍ଗତ ୩୪.୪୩ କି.ମି ଡ୍ରେନେଜ୍ ବ୍ୟବସ୍ଥା ରହିଛି। ବିଭିନ୍ନ କାରଣରୁ ସହରରେ ଅତ୍ୟଧିକ ବର୍ଷା ହେଲେ ଇସ୍କନ ମନ୍ଦିର ରାସ୍ତା, କଟକ ରୋଡ, ସମ ହସ୍ପିଟାଲ ନିକଟସ୍ଥ ଆୟୁର୍ବେଦିକ ମେଡିକାଲ କଲେଜ ସମ୍ମୁଖ ରାସ୍ତା, ଅହଲ୍ୟା ନଗର, ମହିଳା ସିଟି କଲେଜ, ଏମ୍ସ ଅଂଚଳ, ଭଗବାନପୁର, ଫରେଷ୍ଟ ପାର୍କ, ଲକ୍ଷ୍ମୀସାଗର, ନହରକଣ୍ଟା, ରୁଦ୍ରପୁର ଅଂଚଳ ଆଦିରେ ବେଶୀ ଜଳ ନିଷ୍କାସନ ସମସ୍ୟା ରହୁଛି। ଏସବୁ ଅଂଚଳରେ ଡ୍ରେନେଜ୍ ସମସ୍ୟାର ସମାଧାନ ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି, ରାଜ୍ୟ ପାଣ୍ଠି ଆଦିରୁ ଭିନ୍ନ ଭିନ୍ନ ନିର୍ମାଣ ଓ ମରାମତି କାର୍ଯ୍ୟ ପାଇଁ ଖର୍ଚ୍ଚ ନିମନ୍ତେ ପଦକ୍ଷେପ ନିଆଯାଇଛି। ଏଥିପାଇଁ ପ୍ରାୟ ୩୦୦ କୋଟି ବ୍ୟୟ ଆକଳନ କରାଯାଇଥିବା ବେଳେ କେଉଁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ, କେଉଁ କାର୍ଯ୍ୟ ଅଧିକ ଦିନ ଲାଗିବ, ସେ ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗ ଅଧିନରେ ଆସୁଥିବା ଡ୍ରେନେଜ କାର୍ଯ୍ୟକୁ ସଂପୃକ୍ତ ବିଭାଗମାନେ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଏବଂ ପରାମର୍ଶ ଦେଇଛନ୍ତି।

## ରାଜଭବନରେ ସିକିମ ରାଜ୍ୟର ପ୍ରତିଷ୍ଠା ଦିବସ ପାଳିତ

# ରାଜଭବନରେ ଅନ୍ୟରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ବିବିଧତାରେ ଏକତାର ବନ୍ଧନକୁ ସୁଦୃଢ଼ କରୁଛି: ରାଜ୍ୟପାଳ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ବିବିଧତାରେ ଏକତାର ବନ୍ଧନକୁ ସୁଦୃଢ଼ କରୁଛି ବୋଲି ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଚଳିତ ମଇ ୧୬ ତାରିଖରେ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ସିକିମ୍ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ସିକିମ ରାଜ୍ୟର ଅଧିବାସୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ରାଜ୍ୟପାଳ କହିଥିଲେ ଯେ ଏ ପ୍ରକାର କାର୍ଯ୍ୟକ୍ରମ ମାନ୍ୟବର ରାଷ୍ଟ୍ରପତି ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିକଳ୍ପିତ 'ଏକ ଭାରତ – ଶ୍ରେଷ୍ଠ ଭାରତ' ଭାବନାକୁ ଅଧିକ ଋଦ୍ଧିମନ୍ତ କରୁଛି। ଆମକୁ ଏକତାର ସୂତ୍ରରେ ବାନ୍ଧିଥିବା ଏବଂ ବିବିଧତାକୁ ସମ୍ମାନ ଜଣାଇ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ପରଂପରାର ସଂରକ୍ଷକ ଭାବେ ରାଜଭବନ ଗର୍ବ ଅନୁଭବ କରେ। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ, ୫୦ ବର୍ଷ ପୂର୍ବେ ୧୯୭୫ ମସିହା ମଇ ୧୬ ତାରିଖ ଦିନ ଭାରତର ୨୨ତମ ରାଜ୍ୟ ଭାବେ ଗଠିତ ହୋଇଥିବା ସିକିମର ଦେଶ ପ୍ରତି ମହାନ ଅବଦାନ ରହିଛି। ସିକିମ ହିମାଳୟ କୋଳରେ କେବଳ ଏକ ଭୌଗଳିକ ଅଂଚଳ ନୁହେଁ ବରଂ ଦେଶର ସୁରକ୍ଷା ଦୃଷ୍ଟି କୋଣରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଚଳ। ସିକିମ୍ ଏହାର ମନୋରମ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ। ଶୋଭନୀୟ କାଂଚନଜଙ୍ଗା ଗିରିଶୃଙ୍ଗ, ଗ୍ଲାସିୟର, ମନୋରମ ହ୍ରଦ ଏବଂ ଜୀବନ୍ତ ସାଂସ୍କୃତି ଐତିହ୍ୟ, ଅନନ୍ୟ ବନ୍ୟ ଫୁଲ, ହିମାଳୟ ପ୍ରାଣୀ ଉଦ୍ୟାନ ସମେତ ବିବିଧ ଉଦ୍ଭିଦ ପାଇଁ ସିକିମ ପ୍ରସିଦ୍ଧ। ଟ୍ରେକିଂ, ଦୁଃସାହସିକ କାର୍ଯ୍ୟକଳାପ ପାଇଁ ମଧ ଏହା ପର୍ଯ୍ୟଟକ / ଆଗନ୍ତୁକମାନଙ୍କୁ ଆକୃଷ୍ଟ କରେ। ସଂସ୍କୃତି, ଐତିହ୍ୟ, ପରମ୍ପରା, କଳାତ୍ମକ ଉତ୍କୃଷ୍ଟତା ଏବଂ ଗଭୀର ମୂଲ୍ୟବୋଧର ଗନ୍ତାଘର ସିକିମ। ସିକିମର ଅଧିବାସୀମାନେ ସେମାନଙ୍କର ଉଲ୍ଲେଖନୀୟ ଶୃଙ୍ଖଳା ଭାବନା, ପ୍ରକୃତି ପ୍ରତି ସମ୍ମାନ ଏବଂ ପ୍ରଗତି ପାଇଁ ପ୍ରତିବଦ୍ଧତା ସହିତ ଦେଶର ଅଭିବୃଦ୍ଧିରେ ମହନୀୟ ଅବଦାନ ରଖିଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ, ଓଡିଶା ଏବଂ ସିକିମ ଉଭୟ ରାଜ୍ୟ ଭୌଗଳିକ ସ୍ଥିତି, ସଂସ୍କୃତି ଓ ପରଂପରା, ଐତିହ୍ୟ ଦୃଷ୍ଟିରୁ ପୃଥକ ହେଲେ ମଧ ଓଡିଶାରେ ରହୁଥିବା ସିକିମର ଲୋକମାନେ ଓଡିଶାକୁ ଦ୍ୱିତୀୟ ଘର ବୋଲି ବିବେଚନା କରନ୍ତି। ସିକିମର ଅନେକ ଛାତ୍ରଛାତ୍ରୀ ଓଡିଶାରେ ଶିକ୍ଷା ଲାଭ କରୁଛନ୍ତି, କ୍ୟାରିଅର ଗଢୁଛନ୍ତି ଏବଂ ଓଡିଶାର ବୌଦ୍ଧିକ ଏବଂ ସାଂସ୍କୃତିକ ସମୃଦ୍ଧିରେ ଯୋଗଦାନ ଦେଇଛନ୍ତି। ଓଡିଶାରେ ସିକିମ ରାଜ୍ୟର ଅଧିବାସୀଙ୍କ ଉପସ୍ଥିତି ଏକ ଭାରତ – ଶ୍ରେଷ୍ଠ ଭାରତର ସାରମର୍ମକୁ ପ୍ରତିଫଳିତ କରୁଛି ବୋଲି ରାଜ୍ୟପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶାର ମାନ୍ୟବର ଫାଷ୍ଟ ଲେଡି ଜୟଶ୍ରୀ କମ୍ଭମ୍ପାଟି ଉପସ୍ଥିତ ଥିଲେ। ଏହି ଅବସରରେ ସିକିମର ମାନ୍ୟବର ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କ ଭିଡିଓ ବାର୍ତା ପ୍ରଦର୍ଶିତ ହୋଇଥିଲା। ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଓଡିଶାରେ ରହୁଥିବା ସିକିମ ରାଜ୍ୟର ମୂଳ ବାସିନ୍ଦା ନିଜ ରାଜ୍ୟର ମହିମା ଓ ବିଶେଷତ୍ୱ ଓ ଓଡିଶା ସହିତ ତାଙ୍କର ସଂପର୍କ ଓ ଉପଲବ୍ଧି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ରାଜ୍ୟସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ପାଳିତ

ଭୁବନେଶ୍ୱର, (ହି.ସ): ଜାତୀୟ ଡେଙ୍ଗୁ ଦିବସ ଅବସରରେ ଆଜି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କର୍ମଶାଳାରେ ଡା. ପ୍ରଭାକର ସାହୁ, ଏଡି (ଭିବିଡି), ରାଜ୍ୟରେ ସାମ୍ପ୍ରତିକ ଡେଙ୍ଗୁ ରୋଗର ସ୍ଥିତି ଏବଂ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲ୍ଲା ତଥା ତୃଣମୂଳସ୍ତରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିଷଦେ ସୂଚନା ପ୍ରଦାନ କରିଥିଲେ। ସେହିପରି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଜନସାଧାରଣଙ୍କୁ ସଚେତନ କରିବାର ଉଦ୍ଦେଶ୍ୟ ନେଇ କହିଥିଲେ ଯେ, 'ଡେଙ୍ଗୁ ଏଡିସ୍ ମଶା ଦ୍ୱାରା ବ୍ୟାପିଥାଏ ଯାହା ମଣିଷ ଦେହରେ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ବିଭିନ୍ନ ସରକାରୀ ବିଭାଗ ଏବଂ ସାମାଜିକ ସଂଗଠନର ମିଳିତ ଉଦ୍ୟମ ଦ୍ୱାରା ଡେଙ୍ଗୁ ରୋଗର ବାହକ ଏଡିସ ମଶା ବଂଶ ବୃଦ୍ଧି ସ୍ଥଳ ସଫା କରିବା ସହିତ ରୋଗ ସଂକ୍ରମଣ ହ୍ରାସ କରାଯାଉଛି। ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ବନ୍ଧୀୟ ସୂଚନାର ଅଧିକ ପ୍ରଚାର ଓ ପ୍ରସାର ପାଇଁ ଆମକୁ ସମସ୍ତ ସ୍ତରରେ ସଚେତନତା ସୁନିଶ୍ଚିତ କରିବାକୁ ପଡିବ। ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ପ୍ରମିଳା ବରାଳ ସହରାଂଚଳରେ ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଏହି ରୋଗ ନିୟନ୍ତ୍ରଣରେ ସହରାଂଚଳ ନିରୀକ୍ଷଣ ୟୁନିଟର ଭୂମିକା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଡ଼ିଏମଇଟି ଡା. ବ୍ରଜକିଶୋର ଦାଶ ଗୁରୁତର ଡେଙ୍ଗୁ ରୋଗୀମାନଙ୍କର କ୍ଲିନିକାଲ୍ ତଦାରଖରେ ମେଡିକାଲ୍ କଲେଜଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆଂଚଳିକ କାର୍ଯ୍ୟାଳୟର ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ ଡା. ସୁଚିତ୍ରା ସାସମଲ ଏବଂ ଆଂଚଳିକ ନିର୍ଦ୍ଦେଶକ ଡା. ନିଲମ ସୋମଲକର କେନ୍ଦ୍ର ସରକାରଙ୍କ ଦ୍ୱାରା ଡେଙ୍ଗୁ ରୋଗ ସମ୍ପର୍କରେ ପ୍ରଦାନ କରାଯାଇଥିବା ପରାମର୍ଶ ଏବଂ ମାର୍ଗଦର୍ଶିକା ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଶାସନ ସଚିବ (ଜନସ୍ୱାସ୍ଥ୍ୟ) ଡା. ଜିତେନ୍ଦ୍ର ମୋହନ ବାବର୍ତା ଏହି ସଂକ୍ରମଣ ପ୍ରବଣ ରୋଗର ପ୍ରତିରୋଧରେ ସାମୁଦାୟିକ ଅଂଶଗ୍ରହଣର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଡା. ଶୁଭାଶିଷା ମହାନ୍ତି ଯୁଗ୍ମ ନିର୍ଦ୍ଦେଶକ (ଭିବିଡି) ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବର୍ଷର ' ନଜର ରଖନ୍ତୁ , ପରିଷ୍କାର କରନ୍ତୁ, ଘୋଡାଇ ଦିଅନ୍ତୁ – ଡେଙ୍ଗୁ କୁ ହଟାଇବା ପାଇଁ ଆଗେଇ ଆସନ୍ତୁ ' ବିଷୟବସ୍ତୁ ଅନୁଯାୟୀ ପ୍ରତିରୋଧ ଏବଂ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଗୁଡ଼ିକୁ କେନ୍ଦ୍ରିତ କରିବାକୁ ଆହ୍ୱାନ ସହିତ ସହିତ କର୍ମଶାଳା ଶେଷ ହୋଇଥିଲା।

## 'ରତ୍ନଭଣ୍ଡାର ଅଫ୍ ଶ୍ରୀଜଗନ୍ନାଥ ଟେମ୍ପଲ୍' ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର, (ଡିକେ ନ୍ୟୁଜ୍): ସମଗ୍ର ବିଶ୍ୱରେ ଉତ୍କଳର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆର୍ବିଭାବ, ଯାନିଯାତ୍ରା, ଶ୍ରୀମନ୍ଦିରର ନିର୍ମାଣ, କଳାଭାସ୍କର୍ଯ୍ୟ, ଇତିହାସ, ବିବିଧ ବେଶ, ଭୋଗ, ନୀତି, ଦିନଚର୍ଯ୍ୟା ସମ୍ବନ୍ଧରେ ଅଦ୍ୟାବଧି ସର୍ବାଧିକ ଗ୍ରନ୍ଥ ରଚନା ହୋଇପାରିଛି। ଶ୍ରୀଜଗନ୍ନାଥ ଉପାସନାର ବିଭିନ୍ନ ଦିଗ ଉପରେ ଶତାଧିକ ଗବେଷଣା ନିବନ୍ଧ ପ୍ରସ୍ତୁତ ହୋଇ ଭାରତ ସମେତ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତି ପାଇଥିବା ବିଷୟରେ ଗ୍ରନ୍ଥ ଉନ୍ମୋଚନ ସମାରୋହରେ ଉପସ୍ଥିତ ବିଶିଷ୍ଟ ଅତିଥିମାନେ ପ୍ରକାଶ କରିଛନ୍ତି। ଭୁବନେଶ୍ୱରସ୍ଥ ନିଉ ମ୍ୟାରିୟନ୍ ସଭାକକ୍ଷଠାରେ ଓଡ଼ିଶାର ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ଭାସ୍କର ମିଶ୍ର ଓ ପ୍ରାକ୍ତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ଦାଶଙ୍କ ଦ୍ୱାରା ରଚିତ 'ରତ୍ନଭଣ୍ଡାର ଅଫ୍ ଶ୍ରୀଜଗନ୍ନାଥ ଟେମ୍ପଲ' ଇଂରାଜୀ ପୁସ୍ତକର ଲୋକାର୍ପଣ ଉତ୍ସବରେ ଉଦ୍‌ଘାଟକ ଭାବେ ରାଜ୍ୟ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଇନ୍ଦ୍ରମଣି ତ୍ରିପାଠୀ, ରାଜ୍ୟ ଶ୍ରମ କମିଶନର, ଓଡ଼ିଶା ଓ ମୁଖ୍ୟବକ୍ତା ରୂପେ ପ୍ରଫେସର ବସନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିଭିତ୍ତିକ ଏଭଳି ଉପାଦେୟ ଗ୍ରନ୍ଥ ରଚନା ଦ୍ୱାରା ସମଗ୍ର ବିଶ୍ୱରେ ଏହି ରହସ୍ୟମୟ ଠାକୁରଙ୍କ ସମ୍ବନ୍ଧରେ ଅନାଲୋଚିତ ସଠିକ୍ ତଥ୍ୟର ଉଦ୍‌ଘାଟିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରନ୍ଥ ରଚୟିତା ଡକ୍ଟର ଭାସ୍କର ମିଶ୍ର ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସମେତ ଗ୍ରନ୍ଥ ସମ୍ପର୍କରେ ସମ୍ୟକ୍ ବିବରଣୀ ଉପସ୍ଥାପନ କରିଥିଲେ। ଲୋକାର୍ପଣ ଉତ୍ସବର ପ୍ରାରମ୍ଭରେ ଶ୍ରୀ ବିଗ୍ରହମାନଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଏହି ଦିବ୍ୟ ଗ୍ରନ୍ଥର ଅନ୍ୟତମ ଯୁଗ୍ମ ରଚୟିତା ସୁଶାନ୍ତ କୁମାର ଦାଶ ଗ୍ରନ୍ଥରେ ଉଲ୍ଲିଖିତ ଅନେକ ତଥ୍ୟ ଓ ରତ୍ନଭଣ୍ଡାରର ବାସ୍ତବ ସ୍ଥିତି ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ପ୍ରବକ୍ତା ଦେବେନ୍ଦ୍ର ଦାସ ଧ୍ୟାନମନ୍ତ୍ର ଆବୃତ୍ତି କରିଥିବାବେଳେ ଗ୍ରନ୍ଥ ଲୋକାର୍ପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀଜଗନ୍ନାଥ ସଂସ୍କୃତିର ଉଦୀୟମାନ୍ ପ୍ରବକ୍ତା ଡ଼କ୍ଟର ମୃତ୍ୟୁଞ୍ଜୟ ରଥ। ପରିଶେଷରେ ଗ୍ରନ୍ଥ ରଚୟିତା ସୁଶାନ୍ତ କୁମାର ଦାଶ ଉପସ୍ଥିତ ଅତିଥି ଓ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକାର୍ପଣ ଉତ୍ସବରେ ରାଜ୍ୟର ବହୁ ବିଶିଷ୍ଟ ସାହିତ୍ୟିକ, ଗବେଷକ, ଶ୍ରୀମନ୍ଦିର ସେବକ, ମଠାଧୀଶ, ସଂଗଠକ, ପ୍ରଶାସନିକ ଅଧିକାରୀ ତଥା ସମାଜସେବୀ ଅଂଶଗ୍ରହଣ କରିଥିଲେ।

# ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସରେ ଅଧିକ କୋଚ୍ ସଂଯୋଗ



ଭୁବନେଶ୍ୱର,(ପିଆଇବି): ହାଓଡ଼ା ଏବଂ ପୁରୀ ମଧ୍ୟରେ ଦ୍ରୁତ ଏବଂ ଅଧିକ ଆରାମଦାୟକ ରେଳ ଯାତ୍ରା ଉପଲବ୍ଧ କରାଇବା ପାଇଁ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ୨୨୮୯୫/ ୨୨୮୯୬ ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସରେ ୨୫% କୋଚ୍ ବୃଦ୍ଧି ଘୋଷଣା କରିଛି। ଆଜିଠାରୁ, ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ପୂର୍ବ ଗଠନ ୧୬ କୋଚ୍ ବଦଳରେ ୨୦ କୋଚ୍ ସହିତ ଚଳାଚଳ କରୁଛି ଯେଉଁଥିରେ ୪ଟି ଅତିରିକ୍ତ ଏସି ଚେୟାର କାର୍ କୋଚ୍ ଯୋଡାଯାଇଛି। ଏହି କୋଚ ସଂଯୋଗ ବୃଦ୍ଧିରେ ଚାରୋଟି ଏସି ଚେୟାର କାର୍ କୋଚ୍ ଯୋଡାଯାଇଛି ଯାହାର ଲକ୍ଷ୍ୟ ଏହି ପ୍ରତିଷ୍ଠିତ ସେମି-ହାଇ-ସ୍ପିଡ୍ ଟ୍ରେନ୍ ସେବାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି କରାଯାଇଛି। ଅପଗ୍ରେଡ୍ ରେକ୍ କମ୍ପୋଜିସନ୍ ରେ ଏବେ ୧୬ଟି ଏସି ଚେୟାର କାର୍ କୋଚ୍, ୨ଟି ଏକଜିକ୍ୟୁଟିଭ୍ ଚେୟାର କାର୍ କୋଚ୍ ଏବଂ ୨ଟି କ୍ରିୟୁ ଏବଂ ଏସି ଚେୟାର କାର୍ କୋଚ୍ ରହିବ। ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସର ପ୍ରଚଳନ ପରଠାରୁ ଟ୍ରେନ୍ ର ପସନ୍ଦରେ ଉଲ୍ଲେଖନୀୟ ଯାତ୍ରୀ ବୃଦ୍ଧି ଘଟିଛି। ପ୍ରାରମ୍ଭିକ ଭାବରେ ୭୦-୮୦% ର ଚାହିଦା ହାର ସହିତ ପରିଚାଳିତ ହେଉଥିବା ଏହି ଟ୍ରେନ୍ ଟି ବର୍ତମାନ ୧୧୦% ରୁ ଅଧିକ ପ୍ରଭାବଶାଳୀ ଯାତ୍ରୀ ଚାହିଦା ସ୍ତରରେ ପହଞ୍ଚିଛି। ବର୍ତମାନ, ଟ୍ରେନ୍ ନମ୍ବର ୨୨୮୯୫ (ହାଓ୍ୱଡ଼ା-ପୁରୀ) ୧୧୦.୯% ଚାହିଦା ରେକର୍ଡ କରିଛି, ଯେତେବେଳେ ଟ୍ରେନ୍ ନମ୍ବର ୨୨୮୯୬ (ପୁରୀ-ହାଓ୍ୱଡ଼ା) ୧୦୯.୨% ଚାହିଦା ଦେଖୁଛି। ବିଶେଷକରି, ଏସି ଚେୟାର କାର୍ ଶ୍ରେଣୀରେ ୧୧୦.୬୫% ଏବଂ ଏକଜିକ୍ୟୁଟିଭ୍ ଚେୟାର କାର୍ କୋଚ୍ ରେ ୧୦୩.୧୯% ଚାହିଦା ରହିଛି। ଯାତ୍ରୀମାନେ ଏହି ବୃଦ୍ଧିକୁ ଅତ୍ୟନ୍ତ ସ୍ୱାଗତ କରିଛନ୍ତି, କାରଣ ଅଧିକ ସଂଖ୍ୟକ ଯାତ୍ରୀ ଏବେ ଏହି ମର୍ଯ୍ୟାଦାଜନକ ଟ୍ରେନ୍ ର ସେବା ପାଇପାରିବେ। ଅନେକ ନିୟମିତ ଯାତ୍ରୀ ଏବଂ ପର୍ଯ୍ୟଟକ ସୋସିଆଲ ମିଡିଆ ଏବଂ ରେଳବାଇ ମତାମତ ପୋର୍ଟାଲରେ ସକାରାତ୍ମକ ପ୍ରତିକ୍ରିୟା ଦେଇଛନ୍ତି, ଯାହା ଭାରତୀୟ ରେଳବାଇର ସେବା ପ୍ରତି ପ୍ରତିକ୍ରିୟାଶୀଳତା ଏବଂ ସମ୍ବେଦନଶୀଳତାକୁ ପ୍ରଶଂସା କରିଛି। ବର୍ଦ୍ଧିତ କୋଚ୍ କ୍ଷମତାକୁ ଜନପ୍ରତିନିଧିମାନେ ମଧ୍ୟ ପ୍ରଶଂସା କରିଛନ୍ତି ଯେଉଁମାନେ ଗତ କିଛି ମାସ ମଧ୍ୟରେ ଏହି ଅପଗ୍ରେଡ୍ ପାଇଁ ସକ୍ରିୟ ଭାବରେ ମତାମତ ପ୍ରଦାନ କରିଥିଲେ। ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଏକ ଅର୍ଦ୍ଧ-ହାଇ-ସ୍ପିଡ୍ ଟ୍ରେନ୍ ଯାହା ପଶ୍ଚିମବଙ୍ଗର ହାଓଡ଼ା ଜଙ୍କସନ୍କୁ ଓଡ଼ିଶାର ପୁରୀ ସହିତ ସଂଯୋଗ କରୁଛି। ଏହି ଟ୍ରେନ ପ୍ରାୟ ୬.୫ ଘଣ୍ଟାରେ ୫୦୦ କିଲୋମିଟର ଦୂରତା ଯାତ୍ରା କରିଥାଏ। ଏହି ଟ୍ରେନ୍ ଗୁରୁବାର ବ୍ୟତୀତ ସପ୍ତାହରେ ଛଅ ଦିନ ଚଳାଚଳ କରୁଥିବାବେଳେ ହାଓଡ଼ାରୁ ସକାଳ ୬ଘ.୧୦ ମିରେ ଏବଂ ପୁରୀରୁ ଅପରାହ୍ନ ୧ଘ.୫୦ ମିରେ ଛାଡ଼ିଥାଏ। ଏହି ଟ୍ରେନ୍ ସାତଟି ଷ୍ଟେସନରେ ଅର୍ଥାତ ଖୋର୍ଦ୍ଧା ରୋଡ୍ ଜଙ୍କସନ୍, ଭୁବନେଶ୍ୱର, କଟକ, ଯାଜପୁର କେଉଁଝର ରୋଡ୍, ଭଦ୍ରକ, ବାଲେଶ୍ୱର ଏବଂ ଖଡ଼ଗପୁର ଜଙ୍କସନ୍ ଠାରେ ରହଣି ପ୍ରଦାନ କରେ। ବନ୍ଦେ ଭାରତ ଏକ୍ସପ୍ରେସ୍ ରେ ଅତ୍ୟାଧୁନିକ ସୁବିଧା ରହିଛି, ଯେଉଁଥିରେ ଅନ୍-ବୋର୍ଡ ୱାଇ-ଫାଇ, ଇନଫୋଟେନମେଂଟ ସିଷ୍ଟମ୍, ବାୟୋ-ଭାକ୍ୟୁମ୍ ଶୌଚାଳୟ ଏବଂ ଆରାମଦାୟକ ବସିବା ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଯାତ୍ରୀମାନଙ୍କ ପାଇଁ ଏକ ନିରାପଦ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ପାଇଁ ଏହି ଟ୍ରେନଟି ଡିଜାଇନ୍ କରାଯାଇଛି। ହାଓଡା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସର କୋଚ ସଂଖ୍ୟା ବୃଦ୍ଧି ଭାରତୀୟ ରେଳବାଇର ବୃଦ୍ଧି ପାଉଥିବା ଯାତ୍ରୀ ସେବା ପାଇଁ ଦକ୍ଷ ଏବଂ ଆରାମଦାୟକ ରେଳ ଯାତ୍ରାର ବର୍ଦ୍ଧିତ ଚାହିଦା ପୂରଣ କରିବା ପ୍ରତି ପ୍ରତିବଦ୍ଧତାର ପ୍ରମାଣ।

# ୨୦ରୁ ରବି ଧାନ ପାଇଁ ଖୋଲିବ ମଣ୍ଡି



କଳାହାଣ୍ଡି, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲାରେ ଆସନ୍ତା ୨୦ ତାରିଖରୁ ରବି (ଡାଲୁଅ) ଧାନ ପାଇଁ ମଣ୍ଡି ଖୋଲିବ। ଏହା ପୂର୍ବରୁ ଗୁରୁବାର ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ଏକ ଜରୁରୀ ବୈଠକ କରିଛନ୍ତି। ଏଥିରେ ଜିଲ୍ଲାର ସମସ୍ତ ତହସିଲଦାର, ବିଡ଼ିଓ, ଆର୍‌ଏମସି କର୍ମଚାରୀ, ପାକ୍ସ କର୍ମଚାରୀ ଓ ଯୋଗାଣ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ। ବିଗତ ଦିନରେ ଧାନ କ୍ରୟରେ ଉପୁଜିଥିବା ସମସ୍ୟାର ଯେପରି ପୁନରାବୃତ୍ତି ନ ହେବ ଓ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଧାନ ଜିଲ୍ଲାରେ ଯେମିତି ବିକ୍ରି ନ ହେବ ସେଥିପ୍ରତି ସଜାଗ ରହିବାକୁ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଜିଲ୍ଲାପାଳ କହିଥିଲେ। ଏହାସହ ବାହାର ରାଜ୍ୟରୁ ଧାନ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ମେ ୨୦ରୁ ଜିଲ୍ଲାର ୧୪୫ ଧାନ ମଣ୍ଡିରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ। ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮,୮୧୮ ଜଣ ଚାଷୀ ଅନଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ କରିଛନ୍ତି। ୬୪ ପାକ୍ସ ଓ ୨୫ ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ସହଯୋଗରେ ଏହି ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ୮୮ ମିଲର୍ସ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରି ସମ୍ପୃକ୍ତ ମଣ୍ଡିରୁ ଚାଷୀଙ୍କ ଧାନ ଠିକ ସମୟରେ ଉଠାଣ ପାଇଁ ନିର୍ଦ୍ଧାରିତ କରାଯାଇଛି। ମିଲର୍ସ ଚାଷୀଙ୍କୁ ଆବଶ୍ୟକ ବ୍ୟାଗ ଯୋଗାଇଦେବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ସାଧାରଣ ଏଫ୍‌ଏକ୍ୟୁ ଧାନ କୁଇଣ୍ଟାଲ ପିଛା ୨,୩୦୦ ଏବଂ ଗ୍ରେଡ ଏ' ଏଫ୍‌ଏକ୍ୟୁ ଧାନ କୁଇଣ୍ଟାଲ ପିଛା ୨,୩୨୦ ସହିତ ଏମ୍‌ଏସପି ୮୦୦ ଟଙ୍କା ସର୍ବମୋଟ କୁଇଣ୍ଟାଲ ପିଛା ଚାଷୀ ୩,୧୦୦, ୩,୧୨୦ ଟଙ୍କା ପାଇବେ। ୮୮ ମିଲର୍ସଙ୍କ ମଧ୍ୟରୁ ଉଷୁନା ଚାଉଳ ପାଇଁ ୭୦ ଥିବାବେଳେ ଅରୁଆ ଚାଉଳ ପାଇଁ ୧୮ ଅଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗିରହିଥିବାରୁ ଚାଷୀଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ମଣ୍ଡିରେ ଆବଶ୍ୟକ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ, ଜରୁରିକାଳୀନ ସେବା ଆବଶ୍ୟକ ସ୍ଥଳେ କୁଲର ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଗତ ଦିନର ଛତିଶଗଡ ରାଜ୍ୟରୁ ବେଆଇନ ଭାବରେ ଧାନ ଆଣି ଏଠାରେ କିଛି ପାକ୍ସ ଓ ବଜାର କମିଟି କର୍ମଚାରୀ ମିଶି ତାହାକୁ ବିକ୍ରି କରିଥିବା ଅଭିଯୋଗ ଆସିବା ପରେ ଚଳିତବର୍ଷ କଳାହାଣ୍ଡି ଓ ଛତିଶଗଡ ସୀମାରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ଏହା ପରେ ମଧ୍ୟ କୌଣସି କର୍ମଚାରୀ ଏଥିରେ ସମ୍ପୃକ୍ତ ରହିଲେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି।

### ଓୟୁଏଟି ଚିପିଲିମା ନୂତନ ଅତ୍ୟାଧୁନିକ ସଭାଗୃହର ଉଦଘାଟନ

# ଓୟୁଏଟି, ଚିପିଲିମା 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସେତୁବନ୍ଧ ହେବ: ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, (ଡିକେ ନ୍ୟୁଜ୍): ସମ୍ବଲପୁର ଠାରେ ଓୟୁଏଟି ଚିପିଲିମା କୃଷି ମହାବିଦ୍ୟାଳୟର ନୂତନ ଅତ୍ୟାଧୁନିକ ସଭାଗୃହର ଉଦଘାଟନ କରି ମୁଁ ଆନନ୍ଦିତ। ଏହି ସଭାଗୃହ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ସମ୍ବଲପୁର ସମେତ ଆଖପାଖ ଜିଲ୍ଲାର ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ। ପ୍ରାୟ ୧୦ କୋଟି ୫୦ ଲକ୍ଷ ଟଙ୍କା ନିବେଶରେ ଏହି ଅଡିଟୋରିୟମର ଶ୍ରୀବୃଦ୍ଧି କରିବା ପାଇଁ ପଦକ୍ଷେପ ନେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧନ୍ୟବାଦ। ଓୟୁଏଟିର ଏହି ଚିପିଲିମା କ୍ୟାମ୍ପସ ନୂଆ ମେଧାବୀ ଛାତ୍ରୀଛାତ୍ରୀଙ୍କୁ ତିଆରି କରେ। କୃଷି ସହ ଜଡ଼ିତ ବିଷୟ ତଥା ଗବେଷଣା କ୍ଷେତ୍ରରେ ଏହି ମହାବିଦ୍ୟାଳୟ ୬୦ ବର୍ଷରୁ ଅଧିକ ସମୟ ଧରି ରାଜ୍ୟକୁ ଗର୍ବିତ କରିଛି। ଅତ୍ୟନ୍ତ ଖୁସିର ବିଷୟ, ଏହି ଚିପିଲିମା କ୍ୟାମ୍ପସର ଭିତ୍ତିଭୂମିକୁ ଆହୁରି ଅଧିକ ମଜଭୁତ କରିବା ସହ ରାଜ୍ୟ ସରକାର ୮୦ କୋଟି ଟଙ୍କା ଅନୁଦାନର ବ୍ୟବସ୍ଥା କରିଛନ୍ତି। ସମ୍ବଲପୁର କୃଷି ହେଉଛି ଆଞ୍ଚଳିକ ଅର୍ଥନୀତିର ମେରୁଦଣ୍ଡ। କୃଷି ହିଁ ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ। ଚାଷ ଓ ଚାଷୀଙ୍କୁ ଅଧିକରୁ ଅଧିକ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ପ୍ରାଥମିକତାରେ ରହିଛି। ଆଗାମୀ ଦିନରେ ସମ୍ବଲପୁର କୃଷି ମହାବିଦ୍ୟାଳୟରେ ଚାଷରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ନେଇ ନୂଆ ପାଠ୍ୟକ୍ରମ ପ୍ରସ୍ତୁତ କରିବା, ଚାଷୀମାନଙ୍କୁ ପ୍ରଶିକ୍ଷଣ, ଧାନଚାଷ ସମେତ ଅନ୍ୟାନ୍ୟ ଫସଲ ସାମଗ୍ରୀ ଉତ୍ପାଦନ ବୃଦ୍ଧି କରିବା, ଫସଲର କ୍ଷୟକ୍ଷତିକୁ ହ୍ରାସ କରିବା ତଥା ସମ୍ବଲପୁର ଜିଲ୍ଲାରେ କୃଷିଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଆମ ସରକାରଙ୍କ ପକ୍ଷରୁ ଯୋଜନା କରାଯିବ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏବଂ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାୟକ, ବିଜେପି କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଆଦର୍ଶ ଇଣ୍ଟରନ୍ୟାସନାଲ ସ୍କୁଲରେ ମେଧାବୀଙ୍କୁ ସମ୍ବର୍ଦ୍ଧନା



ଅନୁଗୁଳ, (ଡିକେ ନ୍ୟୁଜ୍): ଚଳିତ ବର୍ଷ ସିବିଏସି ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳରେ ଆଦର୍ଶ ଇଣ୍ଟରନ୍ୟାସନାଲ ସ୍କୁଲ, ଅନୁଗୁଳର ଛାତ୍ରଛାତ୍ରୀ ଅଭୂତପୂର୍ବ ସଫଳତା ପ୍ରାପ୍ତ କରିଛନ୍ତି। ଦଶମରେ ବିଦ୍ୟାଳୟର ଛାତ୍ରୀ ରାଜ ରାଜେଶ୍ୱରୀ ସାହୁ ୯୪.୬ ପ୍ରତିଶତ ଅଙ୍କପ୍ରାପ୍ତ କରି ପ୍ରଥମ ସ୍ଥାନ ଅଳଙ୍କୃତ କରିବା ସହ, ସେ ଗଣିତରେ ୧୦୦ ଅଙ୍କ ପ୍ରାପ୍ତ କରିଛନ୍ତି। ପ୍ରିତୀପ୍ରଜ୍ଞା ହୋତା ୯୨.୨ ପ୍ରତିଶତ ଅଙ୍କସହ ସାମାଜିକ ବିଜ୍ଞାନରେ ୧୦୦ ଅଙ୍କ ପ୍ରାପ୍ତ କରି ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ଛାତ୍ର ସନ୍ଦୀପ କୁମାର ସାହୁଓ ଛାତ୍ରୀ ଗ୍ରିଣ୍ଡା ଗୀତାଶ୍ରୀ ତ୍ରିପାଠୀ ୯୧.୬ ପ୍ରତିଶତ ଅଙ୍କ ପ୍ରାପ୍ତ କରି ତୃତୀୟ ସ୍ଥାନରେ ଅଛନ୍ତି। ଦ୍ୱାଦଶରେ ବିଦ୍ୟାଳୟର ଛାତ୍ର ଜ୍ୟୋତିର୍ମୟ ମହାନ୍ତ ୯୬.୮ ପ୍ରତିଶତ ଅଙ୍କ ପ୍ରାପ୍ତ କରି ବିଦ୍ୟାଳୟରେ ପ୍ରଥମ ହୋଇଥିବା ବେଳେ ପୀୟୂଷ ଦାସ ୯୫ ପ୍ରତିଶତରେ ଦ୍ୱିତୀୟ ଓ ଶାଶ୍ୱତ କୁମାର ସାହୁ ୯୩ ପ୍ରତିଶତ ଅଙ୍କ ପ୍ରାପ୍ତ କରି ବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆଜି ବିଦ୍ୟାଳୟ ପରିସରରେ ଭାଇସ ଚେୟାରମେନ ଆର୍ଯ୍ୟସୂତା ଧଳ ମହୋଦୟା ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ଡ଼.ମହେଶ ଚନ୍ଦ୍ର ଧଳ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିବା ବେଳେ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଭୋଇ ମହୋଦୟ ଛାତ୍ରଛାତ୍ରୀଙ୍କୁ ଜଣେ ଜଣେ ଉତ୍ତମ ନାଗରିକ ହୋଇ ଦେଶମାତୃକା ଓ ସମାଜର କଲ୍ୟାଣ ସାଧନା କରିବା ନିମନ୍ତେ ପ୍ରେରଣା ଦେଇଥିଲେ। ଆଦର୍ଶ ଶିକ୍ଷା ଅନୁଷ୍ଠାନ ସମୂହର ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଧଳ ପିଲାମାନଙ୍କୁ ସମୟର ମୂଲ୍ୟ ଓ ପିତାମାତାଙ୍କ ସ୍ୱପ୍ନକୁ କିପରି ବାସ୍ତବ ରୂପାୟନ କରିବେ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଅଭିଭାବକଙ୍କର ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜାତୀୟ ଡେଙ୍ଗୁ ଦିବସ ପାଳିତ

କେନ୍ଦୁଝର, (ଡିକେ ନ୍ୟୁଜ୍): ଶୁକ୍ରବାର ପୂର୍ବାହ୍ନରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡାକ୍ତର କିଶୋର କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଡାକ୍ତର ପୃଷ୍ଟି ଡେଙ୍ଗୁ ରୋଗର କାରଣ, ଲକ୍ଷଣ ଓ ପ୍ରତିକାର ବାବଦରେ ବିଶଦ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବସନ୍ତ କୁମାର ପାତ୍ର ଡେଙ୍ଗୁ ଦିବସ ପାଳନ କରିବାର ଗୁରୁତ୍ୱ ଓ ଅନ୍ୟ ବିଭାଗର ଏଦିଗରେ ଥିବା ଦାୟିତ୍ୱ ଉପରେ ଆଲୋଚନା କରିଥିଲେ। ଡାକ୍ତର ନୀଲମ ମହାନ୍ତି, ଡାକ୍ତର ପ୍ରଣଦିନୀ ନାୟକ, ଏସିଏଫ ଏସକେ ଦାସ, ଗୋଲେଖ ଚନ୍ଦ୍ର ସାହୁ, ଜୟନ୍ତ ସିଂହ ଓ ନିତ୍ୟରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଭରତ କୁମାର ସାହୁ, ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସଂଯୋଜନା କରିଥିଲେ।

# ପରିଣତ ବୟସ ଓ ଶାରୀରିକ ଅକ୍ଷମତା ହାର୍ ମାନିଛି ହରିନାଥଙ୍କ ନିକଟରେ

କୋଟପାଡ଼, (ଡିକେ ନ୍ୟୁଜ୍): ପରିଣତ ବୟସରେ ବି ଥକିଯାଇ ନାହାନ୍ତି ଦିବ୍ୟାଙ୍ଗ ହରିନାଥ। ଶାରୀରିକ ଅକ୍ଷମ ହୋଇ ମଧ୍ୟ ସବୁକିଛି ହାର୍ ମାନିଛି ହରିନାଥଙ୍କ ଆଗରେ। ଦିନ ରାତି କରୁଛନ୍ତି ଅକ୍ଳାନ୍ତ ପରିଶ୍ରମ। ନୂତନ ଯୁବ ପିଢିଙ୍କ ସହ ବୃଦ୍ଧା ବୟସରେ ହାର୍ ମାନିଥିବା ଲୋକଙ୍କ ପାଇଁ ହରିନାଥ ପ୍ରେରଣା ପାଲଟିଛନ୍ତି। କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ନାରାହାଣ୍ଡି ଗ୍ରାମର ହରିନାଥ ରନ୍ଧାରି, ବୟସ ୭୫ ଟପିଲାଣି। ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ କର୍ମଠ ମନବୃତ୍ତି ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସମାଜ ପାଇଁ ସାଜିଛନ୍ତି ଉଦାହରଣ। ନା ଅଛି ତାଙ୍କର ପରିବାର, ନା ଅଛନ୍ତି ସ୍ତ୍ରୀ, ପୁଅ, ଝିଅ। ହରିନାଥଙ୍କ କହିବା ଅନୁସାରେ ସେ ଜନ୍ମ ଗତ ଦିବ୍ୟାଙ୍ଗ ନଥିଲେ। ୩୦ ବର୍ଷ ପୂର୍ବେ ଏକ ଅଜଣା ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ହରିନାଥ ଆଜୀବନ ଦିବ୍ୟାଙ୍ଗ ପାଲଟିଯାଇଥିବା କହିଛନ୍ତି। କଥାରେ ଅଛି ଦଇବ ଯେତେବେଳେ ଦାଉ ସାଧେ ସବୁ ରାସ୍ତା ବନ୍ଦ ହୋଇଯାଏ। ହରିନାଥଙ୍କ ଏଭଳି ଅବସ୍ଥା ଦେଖି ସ୍ତ୍ରୀ ହରିନାଥଙ୍କ ହାତ ଛାଡ଼ି ପର ପୁରୁଷ ସହ ଚାଲିଯାଇଥିଲେ। ଏତେ ସବୁ ଦୁଃଖ କଷ୍ଟ ପରେ ବି ଜୀବନ ଯୁଦ୍ଧରେ କେବେ ହାରିଯାଇନାହାନ୍ତି ହରିନାଥ। ଗ୍ରାମର ଜଣେ ସମ୍ପର୍କୀୟ ଭଣଜା ତାଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଜାଗା ଖଣ୍ଡେ ଦେଇଥିଲେ। ରୋଗାକ୍ରାନ୍ତ ହେବା ପରେ ବିନା ସାହାରାରେ ପାଦେ ବାଟ ବି ଚାଲିପାରନ୍ତିନି ହରିନାଥ। ଏଭଳି କରୁଣ ଜଟିଳ ପରସ୍ଥିତିରେ ବି ଭାଙ୍ଗି ନ ପଡି, ଆପଣାଇଛନ୍ତି କଷ୍ଟ ଓ ଅକ୍ଳାନ୍ତ ପରିଶ୍ରମର ରାସ୍ତା। ଜୀବନକୁ ବାଜି ଲଗାଇ ପେଟ ପାଇଁ କରିଚାଲିଛନ୍ତି ସଂଘର୍ଷ। ସକାଳ ସୂର୍ଯ୍ୟର ପ୍ରଥମ କିରଣ ସହ ନିଜ ତିନି ଚକିଆ ସାଇକେଲ ନେଇ ସବୁ ଦିନ କର୍ମକ୍ଷେତ୍ରକୁ ବାହାରି ପଡ଼ନ୍ତି ହରିନାଥ। ପ୍ରତିଦିନ ୨୦ରୁ ୩୦ କିଲୋମିଟର ବିଭିନ୍ନ ଗାଁକୁ ଗାଁ ଘରକୁ ଘର ବୁଲି ଟିଣ ଡ଼ବା ସଂଗ୍ରହ କରିଥାନ୍ତି। ପ୍ରତି ଡ଼ବାକୁ ସେ ୧୫ରୁ ୨୦ ଟଙ୍କାରେ କିଣି ୨୫ରୁ ୩୦ ଟଙ୍କାରେ ବିକ୍ରି କରୁଥିବା କହିଛନ୍ତି। ସେଥିରୁ ଯାହା ମିଳେ ସେଥିରୁ ଔଷଧ ଖର୍ଚ୍ଚ ଓ ଜୀବନ ଜୀବିକା ପାଇଁ ସେହି ଅର୍ଥକୁ ଖର୍ଚ୍ଚ କରନ୍ତି ବୋଲି କୁହନ୍ତି ହରିନାଥ। ସରକାରୀ ଯୋଜନାରୁ ତାଙ୍କୁ ମିଳୁଛି ରାସନ କାର୍ଡରେ ଚାଉଳ ଏବଂ ବାର୍ଦ୍ଧକ୍ୟ ଭତ୍ତା। ଯାହାକି ଜୀବନ ଜୀବିକା ପାଇଁ ଯଥେଷ୍ଟ ନୁହେଁ ବୋଲି କହିଛନ୍ତି। ପରିଣତ ବୟସ ସାଙ୍ଗକୁ ଦିବ୍ୟାଙ୍ଗ ବି। ଏଭଳି ପରିଣତ ବୟସରେ ସରକାର ଯଦି କିଛି ପ୍ରୋତ୍ସାହନ ରାଶି ଯୋଗାଇ ଦିଅନ୍ତେ, ତେବେ ହରିନାଥ କିଛି ବ୍ୟବସାୟ କରି ପାରନ୍ତେ ଓ ନିଜ ଗୁଜୁରାଣ ମେଣ୍ଟାଇ ପାରନ୍ତେ ବୋଲି ସରକାରଙ୍କୁ ନିବେଦନ କରିଛନ୍ତି।

# 'ବାସୁଦେବ ସୁଢ଼ଳ ଦେବ ଥିଲେ ଭାବି ଓଡ଼ିଶାର ପ୍ରଗତି ଓ ଭାଷା ସାହିତ୍ୟର ଦିଗ ଦର୍ଶକ'



ସମ୍ବଲପୁର, (ଡିକେ ନ୍ୟୁଜ୍): ପୂର୍ବତନ ବାମଣ୍ଡା ରାଜ୍ୟରେ ବର୍ତ୍ତମାନର କୁଚିଣ୍ଡା ଉପଖଣ୍ଡ ସାମିଲ ଥିଲା। ଶୁକ୍ରବାର ଉପଖଣ୍ଡର ସଦର ମହକୁମାରେ ଆଦିବାସୀ ଭବନରେ ବିଶିଷ୍ଟ ସାହିତ୍ୟିକ ଓ ସମାଜସେବୀ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ପୂର୍ବ ବାମଣ୍ଡାର ଜଣେ ସୁଶାସକ ଭାବରେ ଖ୍ୟାତ ବାସୁଦେବ ସୁଢ଼ଳ ଦେବଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ମୁଖ୍ୟଅତିଥି ଓ ସୁନ୍ଦରଗଡ଼ର ଷ୍ଟେଟ ବ୍ୟାଙ୍କ ଅବସର ପ୍ରାପ୍ତ ଶାଖା ପରିଚାଳକ ଜଗନ୍ନାଥ ଲାକ୍ରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସଭାପତି ଓ ଅତିଥି ଗଣ ସୁଢଳ ଦେବଙ୍କ ଫଟୋଚିତ୍ର ସମ୍ମୁଖରେ ଦୀପ, ଧୂପ ଓ ପୁଷ୍ପାର୍ଘ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ଭାଷଣରେ ସେତେବେଳେ ଓଡ଼ିଶା ଗଠନ ହୋଇ ନ ଥିଲେ ବି ବିଜୁଳି ବତୀ, ଛପାଖାନା, ଯୋଗଯୋଗ, ପାନୀୟ ଜଳ ଆଦିର ସୁଯୋଗ ସୃଷ୍ଟି କରି ଭାବି ଓଡ଼ିଶା ଏବଂ ସାହିତ୍ୟ ପତ୍ରିକା ପ୍ରକାଶନ ଓ କବିଙ୍କୁ ସମ୍ବର୍ଦ୍ଧନା ଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଗତି ପାଇଁ ବାଟ ଫିଟେଇ ଥିଲେ ବୋଲି କହିଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମର ଅନ୍ୟତମ ଆବାହକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣା କର କିସାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜମନକିରା ବ୍ଲକର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଜେମା ଦେଇ ମାଝି, ଆଦିବାସୀ ନେତା ପଞ୍ଚାନନ ପ୍ରଧାନ, ଅଲେଖ ପତି, ରଜନୀ ପଟେଲ ପ୍ରମୁଖ ମଧ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ପାଣ୍ଡବ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗନ୍ନାଥ ସାଗରର ପଙ୍କ ଓ ମାଟି ନିଲାମ

କୋରାପୁଟ, (ଡିକେ ନ୍ୟୁଜ୍): କୋରାପୁଟ ଜିଲ୍ଲା ଜୟପୁର ସହରରେ ରହିଥିବା ରାଜା ରାଜୁଡା ସମୟର ଜଗନ୍ନାଥ ସାଗରର ପୁନଃ ଉଦ୍ଧାର ନିମନ୍ତେ ଜିଲ୍ଲା ପ୍ରଶାସନ ଓ ରାଜନେତାଙ୍କ ଦ୍ୱାରା ପ୍ରୟାସ କରାଯାଇଥିଲା। କିଛି ସମସ୍ୟା ଥିବାରୁ ଜଗନ୍ନାଥ ସାଗର ପୁନଃ ଉଦ୍ଧାର ହୋଇ ପାରିନଥିଲା। ଯାହାକୁ ନେଇ ଜିଲ୍ଲା ପ୍ରଶାସନ ସମେତ ରାଜ ନେତାମାନଙ୍କୁ ନିନ୍ଦିତ ହେବାକୁ ପଡିଥିଲା। ଜିଲ୍ଲା ପ୍ରଶାସନ ଓ ରାଜ ନେତାଙ୍କ ସମୂହ ପ୍ରଚେଷ୍ଟାରେ ପୁଣି ଥରେ ଜଗନ୍ନାଥ ସାଗରର ପୁନଃ ଉଦ୍ଧାର ପାଇଁ ତତ୍ପରତା ଦେଖିବା ପାଇଁ ମିଳିଛି। ଏବେ ପଙ୍କ ଓ ମାଟି ଖୋଳା ଯିବା ପରେ ପ୍ରକ୍ରାୟା କ୍ରମେ କାର୍ଯ୍ୟ ଚାଲୁ ରହିବ। ଜଗନ୍ନାଥ ସାଗରରୁ ଉଦ୍ଧାର ହୋଇଥିବା ପଙ୍କ ଓ ମାଟିକୁ ନିଲାମ କରିବା ପାଇଁ ସାଧାରଣରେ ଜଣାଇ ଦିଆଯାଇଥିଲା। ଏହି ନିଲାମ ପ୍ରକ୍ରିୟାରେ ୪ଜଣ ଭାଗ ନେଇଥିବା ବେଳେ ୨ଜଣ ନିଲାମ ପ୍ରକ୍ରିୟାରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଜଗନ୍ନାଥ ସାଗରର ସମୁଦାୟ ୫ ହଜାର ମିଟର ମାଟି ପାଇଁ ୩ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ବ୍ୟକ୍ତି ଟଙ୍କା ପୈଠ କରି ମାଟି ଉଠାଇ ପାରିବେ। ଏ ନେଇ ଜୟପୁର ପୌର ପରିଷଦ କଂଫୋରେନ୍ସ ହଲ ଥରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକକୁ ଜୟପୁର ଉପ ଜିଲ୍ଲାପାଳ ଏସ ସସ୍ୟା ରେଡ଼ି ଅଧକ୍ଷତା କରିଥିଲେ। ଜଗନ୍ନାଥ ସାଗରରୁ ମାଟି ଓ ପଙ୍କ ଉଦ୍ଧାର ହେବା ପରେ ଖୁବଶୀଘ୍ର ତାର ସୌଧର୍ଯ୍ୟ କରଣ କରାଯିବ ବୋଲି ଆଶା କରଯାଉଛି।

# ବୋଡ଼େନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜାତୀୟ ଡେଙ୍ଗୁ ଦିବସ ପାଳନ



ଖଡ଼ିଆଳ, (ଡିକେ ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ବୋଡ଼େନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରର ସଭାଗୃହରେ ଜାତୀୟ ଡେଙ୍ଗୁ ଦିବସ ପାଳନ ହୋଇଯାଇଛି। ବୋଡ଼େନ ଗୋଷ୍ଠି ଚିକିତ୍ସା ଅଧିକାରୀ ଡାକ୍ତର ସଂଜୀବ ନାଏକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଭିବିଡିଟିଏସ ଦିବ୍ୟ ରଞ୍ଜନ ନାଏକ, ସ୍ୱାସ୍ଥ୍ୟ ପରିଦର୍ଶକ ତ୍ରିନାଥ ଶବର, ବୈଦେହୀ ମାଝୀ, ବିଡିଏମ ଗଗନ ନାଏକ, ଏସଟିଏସ ମହେଶ ଜେନା ପ୍ରମୁଖ ମଂଚାସୀନ ଥିଲେ। ଜାତୀୟ ଡେଙ୍ଗୁ ଦିବସରେ ସଂକଳ୍ପ ନେବା ଆବଶ୍ୟକତା ରହିଛି। ନିଜେ ସଚେତନ ହେବାସହିତ ଜନସାଧାରଣଙ୍କୁ କେମିତି ଡେଙ୍ଗୁ ରୋଗ ବିଷୟରେ ସଚେତନ କରିବାର ସହିତ ତାର କେମିତି ପ୍ରତିକାର ହେଇପାରିବ ତାର ବିଷୟରେ ମଧ ଅବଗତ କରିବା। ସେଥିପାଇଁ ଆଶା କିମ୍ବା ସ୍ୱାସ୍ଥ୍ୟ କର୍ମୀ ଗୃହ ପରିଦର୍ଶନ ସମୟରେ ଡେଙ୍ଗୁ ବିଷୟରେ ସଚେତନ କରାଇବା, ପ୍ରଚାର ପତ୍ରିକା ମାଧ୍ୟମରେ ସଚେତନ କରିବା ଏବଂ ଲୋକଙ୍କୁ ସଚେତନ କରିବା ଯେ ଶୋଇଲା ବେଳେ ନିୟମିତ ମଶାରୀ ବ୍ୟବହାର କରିବା, ପାଣି ରଖିଥିବା ପାତ୍ର, ଟାଙ୍କି, ରୁମ କୁଲରମାନଙ୍କରୁ ପ୍ରତେକ ୨ କିମ୍ୱା ୩ ଦିନ ବ୍ୟବଧାନରେ ପାଣି ବଦଳାଇବା, ଜ୍ୱର ହେବାମାତ୍ରେ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ସମସ୍ତଙ୍କୁ ଅବଗତ କରାଗଲା।

# ପରିତ୍ୟକ୍ତ ଅବସ୍ଥାକୁ ଚାଲି ଗଲାଣି 'ଆଇ ଲଭ ବ୍ରହ୍ମପୁର'




ବ୍ରହ୍ମପୁର, (ଡିକେ ନ୍ୟୁଜ୍): ବ୍ରହ୍ମପୁର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ରହ୍ମପୁର ମହାନଗର ନିଗମ ତରଫରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। କେତେକ ପ୍ରମୁଖ ଛକରେ ଆକର୍ଷଣୀୟ ସେଲ୍ଫି ପଏଣ୍ଟ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ଅବହେଳିତ ଅବସ୍ଥାରେ ପଡ଼ିଛି। ସୌନ୍ଦର୍ଯ୍ୟକରଣ ପାଇଁ ନିର୍ମିତ ପ୍ରକଳ୍ପଗୁଡ଼ିକ ପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଛି। ଥରେ ନିର୍ମାଣ ପରେ ତାହାର ରକ୍ଷଣାବେକ୍ଷଣ ଦିଗରେ ମହାନଗର ନିଗମ ତରଫରୁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଅଳ୍ପ କିଛି ଦିନରେ ସେଗୁଡ଼ିକଭାଙ୍ଗିରୁଜି ନଷ୍ଟ ହୋଇଯାଉଛି। ସବ୍ରେଲିଷ୍ଟ୍ରି ଛକ ଠାରେ 'ଆଇ ଲଭ୍ ବ୍ରହ୍ମପୁର' ନାଁରେ ଏକ ସେଲଫି ପଏଣ୍ଟ ନିର୍ମାଣ ହୋଇଛି। ୨୦୧୯ ଜାନୁଆରୀ ୧୪ ତାରିଖରେ ଏହାର ଉଦଘାଟନ ହୋଇଥିଲା। ପ୍ରାୟ ୧୨ଶହ ବର୍ଗଫୁଟ ଅଞ୍ଚଳରେ ୧୪ ଲକ୍ଷ ଟଙ୍କାରେ ମହାନଗର ନିଗମ ତରଫରୁ ଏହାକୁ ନିର୍ମାଣ କରାଯାଇଥିଲା। ଏଠାରେ ବାଘ, ହରିଣ ସହିତ ଅନ୍ୟାନ୍ୟ ପଶୁଙ୍କ ପ୍ରତିକୃତି ରହିଛି। ଏକ ଝରଣା ମଧ୍ୟ ନିର୍ମାଣ କରାଯାଇଥିଲା। ସଂପୂର୍ଣ୍ଣ ଅଞ୍ଚଳର ସୁନ୍ଦରତା ବୃଦ୍ଧି ପାଇଁ ଏଥିରେ ବିଭିନ୍ନ ପ୍ରକାର ସାମଗ୍ରୀ ଲାଗିଛି। ମଝିରେ 'ଆଇ ଲଭ୍ ବ୍ରହ୍ମପୁର' ଲେଖାଯାଇଛି। ଉଦଘାଟନ ବେଳେ ଏହା ସହରର ଅନ୍ୟତମ ପ୍ରମୁଖ ଆକର୍ଷଣୀୟ ସ୍ଥାନ ପାଲଟିଥିଲା। ସନ୍ଧ୍ୟା ହେବା କ୍ଷଣିଫଟୋ ଉଠାଇବାକୁ ନାହିଁ ନଥିବା ଭିଡ଼ ହେଉଥିଲା। ରାତିରେ ଅନେକ ପ୍ରକାର ସୌନ୍ଦର୍ଯ୍ୟକରଣ ସହ ଆଲୋକ ବ୍ୟବସ୍ଥା ମଧ ଥିଲା ଓ ଉଦଘାଟନ ପରେ ପରେ ଏହାର ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଥିଲା। କିନ୍ତୁ କାଳକ୍ରମେ ଏହାର ରକ୍ଷଣାବେକ୍ଷଣ ଦିଗରେ ଆଉ ପଦକ୍ଷେପ ଗ୍ରହଣ କରାଗଲାନାହିଁ। ସମ୍ମୁଖରେ ଥିବା ରାସ୍ତାର ଉନ୍ନତିକରଣ ପାଇଁ ଆଖାପାଖ ଅଞ୍ଚଳକୁ ଖୋଳି ଦିଆଗଲା। ସିମେଣ୍ଟ ଧୂଳିରେ ମଇଳା ହୋଇଗଲା ଏହି ସେଲଫି ପଏଣ୍ଟ। ଅନେକ ଦିନ ପର୍ଯ୍ୟନ୍ତ ଏହା ବନ୍ଦ ରହିଲା। ପରେ ଏହାକୁ ସଫାସୁତରା କରାଯାଇଥିଲା। କିନ୍ତୁ ଏବେ ସୌନ୍ଦର୍ଯ୍ୟ ହରାଇଛି ଏହି ସେଲଫି ପଏଣ୍ଟ। ଭିତରେ ଅନେକସାମଗ୍ରୀ ଭାଙ୍ଗିରୁଜି ଗଲାଣି। ଝରଣାରେ ଲାଗିଥିବା ମୋଟର ଖରାପ ହୋଇଯିବା ପରେ ଆଉ ପାଣି ଝରୁ ନାହିଁ। ରାତିରେ ପୂର୍ବରୁ ଲାଗୁଥିବା ସୌନ୍ଦର୍ଯ୍ୟକରଣ ଲାଇଟଗୁଡ଼ିକ ମଧ ଆଉ ଲାଗୁନି। ପଶୁଗୁଡ଼ିକର ମୂର୍ତ୍ତି ଭାଙ୍ଗି ଗଲାଣି। ସେହିଭଳି ଅନ୍ୟାନ୍ୟ ସାମଗ୍ରୀ ଗୁଡ଼ିକ ମଧ୍ୟ ଭାଙ୍ଗିରୁଜି ଗଲାଣି। ଏହା ସତ୍ତ୍ୱେ ପୁନରୁଦ୍ଧାର ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ସୂଚନା ଯୋଗ୍ୟ ଯେ, ମହାନଗର ନିଗମର କମିଶନରଙ୍କ ବାସଭବନ କଡ଼ରେ ରହିଛି ଏହି ସେଲଫି ପଏଣ୍ଟ। କିଛି ମାସ ପୂର୍ବେ ଆଖାପାଖରେ ଆଉ କେତେକ ସେଲପି ପଏଣ୍ଟ ଏବଂ ସୌନ୍ଦର୍ଯ୍ୟକରଣ ଦିଗରେ ପଦକ୍ଷେପ ଗ୍ରହଣ କରାଗଲା। ହେଲେ ପୂର୍ବରୁ ଥିବା ସେଲଫି ପଏଣ୍ଟକୁ ମରାମତି କରାଗଲା ନାହିଁ। ଫଳରେ ବହୁ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ କ୍ରମାଗତ ଭାବେ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ପରିତ୍ୟକ୍ତ ଅବସ୍ଥାକୁ ଚାଲି ଗଲାଣି 'ଆଇ ଲଭ ବ୍ରହ୍ମପୁର'। ତୁରନ୍ତ ଏହାର ପୁନରୁଦ୍ଧାର ଏବଂ ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ସମ୍ବଲପୁରରେ ପରାକ୍ରମ ଶୋଭାଯାତ୍ରା

# ଭାରତୀୟ ସେନାର ପରାକ୍ରମ ପାଇଁ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଛି: ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, (ଡିକେ ନ୍ୟୁଜ୍): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସମ୍ବଲପୁର ଠାରେ 'ଅପରେସନ ସିନ୍ଦୂର'ର ସଫଳତା ତଥା ଭାରତର ସେନାବାହିନୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆୟୋଜିତ 'ପରାକ୍ରମ ଶୋଭାଯାତ୍ରା'ରେ ସାମିଲ ହୋଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଦଳର କାର୍ଯ୍ୟକର୍ତ୍ତା ଏବଂ ଜନସାଧାରଣଙ୍କ ସହ 'ପରାକ୍ରମ ଶୋଭାଯାତ୍ରା'ରେ ସାମିଲ ହୋଇ ମୁଁ ଗର୍ବ ଅନୁଭବ କରୁଛି। ଏହି ଶୋଭାଯାତ୍ରା ଅପରେସନ ସିନ୍ଦୂରର ସଫଳତା, ଦେଶର ସୈନ୍ୟଶକ୍ତିର ଶୌର୍ଯ୍ୟ ଓ ପରାକ୍ରମକୁ ସମ୍ମାନ ଜଣାଇବାର ମହାନ ଅବସର। 'ଅପରେସନ ସିନ୍ଦୂର' ଜରିଆରେ ଭାରତର ପରାକ୍ରମକୁ ସାରା ବିଶ୍ୱ ଦେଖିଛି। ଭାରତର ସୈନିକ ଶକ୍ତି ନିଜର ପରାକାଷ୍ଠା ଦେଖାଇଛି। ଆମର ଭାରତୀୟ ସେନାମାନେ ନିପୁଣତାର ସହ ଆତଙ୍କବାଦୀ ତଥା ସେମାନଙ୍କୁ ପ୍ରଶୟ ଦେଉଥିବା ପାକିସ୍ତାନକୁ ଉଚିତ ଜବାବ୍ ଦେଇଛି। 'ଅପରେସନ ସିନ୍ଦୂର'ରେ ଭାରତୀୟ ସେନାର ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସାମରିକ ଶକ୍ତି କ୍ଷେତ୍ରରେ ବିଶ୍ୱରେ ନୂଆ ପରିଚୟ ତିଆରି କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଢ ନେତୃତ୍ୱ ଏବଂ ଭାରତୀୟ ସେନାର ଅଦମ୍ୟ ସାହସ ପାଇଁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ପରାକ୍ରମ ଶୋଭାଯାତ୍ରାରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଏବଂ ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ କହିଥିଲେ, ବୀର ସୁରେନ୍ଦ୍ର ସାଏ ଓଡ଼ିଶାର ଶୌର୍ଯ୍ୟମୟ ପରିଚୟର ଅନନ୍ୟ ପ୍ରତୀକ। ତାଙ୍କର ଅଦ୍ୱିତୀୟ ସାଂଗଠନିକ ଶକ୍ତି ଓ ରଣକୌଶଳ ଓଡିଆ ଜାତିର ବୀରତ୍ୱର ପ୍ରତିଫଳନ। ତାଙ୍କର ତ୍ୟାଗ, ଶୌର୍ଯ୍ୟ ଓ ପରାକ୍ରମ ସର୍ବଦା ଆମର ଯୁବପିଢିମାନଙ୍କୁ ପ୍ରେରିତ କରିବ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏବଂ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାୟକ, ବିଜେପି କାର୍ଯ୍ୟକର୍ତ୍ତା ଓ ଜନସାଧାରଣମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। 'ଜୟ ହିନ୍ଦ୍' ଏବଂ 'ଭାରତ ମାତା କୀ ଜୟ' ସ୍ଲୋଗାନରେ ସମ୍ବଲପୁର ଗୁଞ୍ଜରିତ ହୋଇଥିଲା।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ର ଶୁଭାରମ୍ଭ

ପୁରୀ, (ଡିକେ ନ୍ୟୁଜ): ପୁରୀ ପୌରାଞ୍ଚଳରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ ୨.୦)ର ଶୁଭାରମ୍ଭ ହୋଇଛି। ଶୁକ୍ରବାର ଅପରାହ୍ନରେ ଟାଉନହଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସାଂସଦ ପାତ୍ର କହିଥିଲେ ଯେ ନିଜର ଘରଟିଏ କରିବାକୁ ସମସ୍ତଙ୍କ ସ୍ୱପ୍ନ ଥାଏ। ପର ପିଢ଼ି ପାଇଁ ଏହା ଏକ ସମ୍ବଳ। ଏହି ସ୍ୱପ୍ନକୁ ସାକାର ପାଇଁ ଆଜି ଠାରୁ ପୁରୀ ସହରାଞ୍ଚଳରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଉପଯୁକ୍ତ ଆବେଦନକାରୀ ଅନଲାଇନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ ପାଇଁ ଆବେଦନ କରିବେ। ଏଗୁଡିକ ଯାଞ୍ଚ ପରେ ସେମାନଙ୍କୁ କାର୍ଯ୍ୟାଦେଶ ଦିଆଯିବ। ତେଣୁ ଏହାକୁ ନିଷ୍ଠାର ସହ, ନିଜେ ଶ୍ରମଦାନ କରି ନିଜର ଘରଟିଏ ବନାନ୍ତୁ। ନିର୍ଦ୍ଧାରିତ ୪ ମାସ ଓ ୬ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଯଥାକ୍ରମେ ୨୦ ଓ ୧୦ ହଜାର ଅର୍ଥ ରାଶି ହାସଲ କରନ୍ତୁ ବୋଲି ଡା ପାତ୍ର ପରାମର୍ଶ ଦେଇଥିଲେ। ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ସହରାଞ୍ଚଳର ଅନେକ ଲୋକ ବିନା ଘରରେ କାଳାତିପାତ କରୁଛନ୍ତି। ସେମାନଙ୍କ ପାଇଁ ଏହା ଏକ ସୁଯୋଗ। ଯୋଗ୍ୟତା ଅନୁସାରେ ହିତାଧିକାରୀ ଚୟନ ସହ ସେମାନଙ୍କୁ ସଚେତନ କରାଇବାକୁ ସେ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ସହରୀ ଆବାସ ପାଇଁ ଆବଶ୍ୟକୀୟ ନିୟମାବଳୀ ଓ ସରକାରୀ ବ୍ୟବସ୍ଥା ସମ୍ପର୍କରେ ଆବେଦନକାରୀମାନେ ଭଲ ଭାବେ ଅବଗତ ହୋଇ ଆବେଦନ କରିବାକୁ ଅନୁରୋଧ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ ଆବାସ ଯୋଜନା ୧.୦ରେ ୨୩୮୧ ମଧ୍ୟରୁ ୧୯୦୮ ଘର ପୂର୍ଣ୍ଣାଙ୍ଗ ହୋଇ ଥିବାବେଳେ ୧୭୮ ଘର ନିର୍ମାଣାଧିନ ଅଛି। ତେବେ ୨୯୫ କାର୍ଯ୍ୟାଦେଶ ପାଇବା ସତ୍ତ୍ୱେ କାର୍ଯ୍ୟ ଆରମ୍ଭ କରୁ ନ ଥିବାରୁ ବାରମ୍ବାର ନୋଟିସ କରାଯାଇଛି। ଏହା ସତ୍ତ୍ୱେ ସହଯୋଗ କରୁନଥିବାରୁ ସେମାନଙ୍କୁ ଯୋଜନାରୁ ବାଦ ଦିଆଯାଇଛି। ଚଳିତ ୨.୦ ପାଇଁ ବର୍ତ୍ତମାନ ସୁଦ୍ଧା ୮୦୦ ଆବେଦନ ମିଳିଛି ଓ ଯାଞ୍ଚ ହୋଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଛି। ଏଥିରେ ଧାର୍ଯ୍ୟ ଲକ୍ଷ୍ୟ ନାହିଁ। ଯୋଗ୍ୟତା ଅନୁସାରେ ଆବେଦନ କରାଯାଇ ପାରିବ ବୋଲି ସେ ସୂଚନା ଦେଇଥିଲେ। ଶେଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅତିଥିମାନେ ସଚେତନତା ରଥର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ସିଓ ରେଶମା ମହାନ୍ତି ପରିଚାଳନା କରିଥିଲେ। ଅନ୍ୟପୌର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ବିଜୟୀ ଭାରତ ଅନୁଷ୍ଠିତ



ବ୍ରହ୍ମପୁର, (ଡିକେ ନ୍ୟୁଜ୍): ବ୍ରହ୍ମପୁର ସଂସ୍କୃତିଧର୍ମୀ ପତ୍ରିକା ଅଭିନୟ ଜଗତ ତରଫରୁ ସ୍ଥାନୀୟ ଉତ୍କଳ ଆଶ୍ରମ ମୁକ୍ତମଞ୍ଚରେ ଅପରେସନ ସିନ୍ଦୁରକୁ ସମ୍ମାନ ଜଣାଇବା ପାଇଁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ବିଜୟୀ ଭାରତ ଅନୁଷ୍ଠିତ ହୋଇସାରିଛି। ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଯୋଗଦେଇ ଭାରତର ବୀର ଯବାନମାନଙ୍କ ଜୟ ଗାନ କରିଥିବା ବେଳେ ବିଶିଷ୍ଟ ଅତିଥି ହୃଷିକେଶ ପାଣିଗ୍ରାହୀ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେ ପକାଇଥିଲେ। ବ୍ରହ୍ମପୁର ସାମ୍ବାଦିକ ସଂଘର ସଭାପତି ଅଶୋକ କୁମାର ବ୍ରହ୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶର ସାମ୍ପ୍ରତିକ ସ୍ଥିତି ଉପରେ ଆଲୋଚନା କରିଥିଲେ ଏବଂ କଳିଙ୍ଗ ଟିଭିର ଦକ୍ଷିଣାଞ୍ଚଳ ମୁଖ୍ୟ ପ୍ରକାଶ ପଟ୍ଟନାୟକ ଏବଂ ନାଳନ୍ଦା ମହାବିଦ୍ୟାଳୟର ଅଧ୍ୟକ୍ଷ କାଳି ଚରଣ ସାହୁ, ସାମ୍ବାଦିକ ସମୀର ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବିଜୟୀ ଭାରତ ଟିମକୁ ଅଭିନନ୍ଦନ ପ୍ରଦାନ କରିଥିଲେ। ଅଭିନୟ ଜଗତର ସମ୍ପାଦକ ଡ ମିହିର ତ୍ରିପାଠୀ ସଭାକୁ ଅଧ୍ୟକ୍ଷତା କରିଥିବା ବେଳେ ନୃତ୍ୟ ନିର୍ଦ୍ଦେଶିକା ଉଷାରାଣୀ ମହାପାତ୍ର, ଅଭିନୟ ଜଗତର ପରିଚାଳକ ରବୀନ୍ଦ୍ର କୁମାର ନାୟକ ଏବଂ ବରିଷ୍ଠ କଣ୍ଠଶିଳ୍ପୀ ଏବଂ ସାମ୍ବାଦିକ ସୁଦିପ ସାହୁ, ଲିଲି ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଦୈନିକ ସମାଜ ପତ୍ରିକାର ନବାଗତ ମୁଖ୍ୟ ସମ୍ପାଦକ ସୁଦର୍ଶନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହରର ବିଭିନ୍ନ ନୃତ୍ୟ ଅନୁଷ୍ଠାନର ଶିଳ୍ପୀମାନେ ଦଳଗତ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥିବା ବେଳେ ସୁଦିପ ସାହୁ, ସାର୍ଥକ ପାଢ଼ୀ, ଅନନ୍ୟା ପାଢ଼ୀ ପ୍ରମୁଖ ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ। ବାଲୁକା ଶିଳ୍ପୀ ସତ୍ୟ ମହାରଣା, ଜୋସ୍ନାରାଣୀ ପାଢ଼ୀ, ସନ୍ତୋଷ ତ୍ରିପାଠୀ, ତ୍ରିପତି ନାୟକ, ନବ କିଶୋର ମହାପାତ୍ର ସହଯୋଗ କରିଥିଲେ।

# ଓଡିଶା ଆଦର୍ଶ ବିଦ୍ୟାଳୟ ରେଙ୍ଗାଲିର ଟପ୍ପର ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ




ସମ୍ବଲପୁର, (ଡିକେ ନ୍ୟୁଜ୍): ଶୁକ୍ରବାର ଓଡିଶା ଆଦର୍ଶ ବିଦ୍ୟାଳୟ ରେଙ୍ଗାଲି ଠାରେ ଅଧ୍ୟକ୍ଷ ରମଣୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ବିଦ୍ୟାଳୟର ପ୍ରତ୍ୟେକ ବିଭାଗର ଟପ୍ପର ଛାତ୍ରଛାତ୍ରୀ ଏବଂ ତାଙ୍କ ଅଭିଭାବକ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିନୋଦ ବିହାରୀ ନନ୍ଦ, ଅଭିଭାବକ ଶିକ୍ଷକ ସଂଘ ସଭାପତି ରମେଶ ମହଣ୍ଡ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେନ୍ଦ୍ର ବାଗ ଟପ୍ପରମାନଙ୍କୁ ସମ୍ମାନିତ କରିଥଲେ। ଏହି ସମାରୋହରେ ଶ୍ରୀ ନନ୍ଦ ଫଳାଫଳକୁ ଦେଖି ଏହା ଓଡିଶା ଆଦର୍ଶ ବିଦ୍ୟାଳୟ ରେଙ୍ଗାଲି ପାଇଁ ଅତ୍ୟନ୍ତ ଗୌରବର ବିଷୟ ବୋଲି କହିଥିଲେ। ଶ୍ରୀଯୁକ୍ତ ମହଣ୍ଡ ପିତାମାତାଙ୍କୁ ସେମାନଙ୍କ ସମର୍ଥନ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ମହାନ୍ ସଫଳତା ପାଇଁ ଶ୍ରୀ ବାଗ ମଧ୍ୟ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଅଧ୍ୟକ୍ଷଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ସାହୁ ମଧ୍ୟ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଟପ୍ପର ଛାତ୍ରଛାତ୍ରୀମାନଙ୍କୁ ଆଗକୁ ଉଜ୍ଜ୍ୱଳ କ୍ୟାରିୟର ଗଠନ କରିବା ପାଇଁ ଉପଦେଶ ପ୍ରଦାନ କରିଥିଲେ।

# ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯୁଜି ଓ ପିଜିର ପରୀକ୍ଷା ଫଳ ପ୍ରକାଶିତ

ଖଡ଼ିଆଳ, (ଡିକେ ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁଜି ଓ ପିଜିର ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ପରୀକ୍ଷା ନିୟନ୍ତ୍ରକ ସୁନିଲ କୁମାର ପାଢ଼ୀଙ୍କ ସମେତ ସମସ୍ତ ପରୀକ୍ଷା ନିୟନ୍ତ୍ରକ ୟୁନିଟ ସଦସ୍ୟଙ୍କ ଉପସ୍ଥିତିରେ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଛାତ୍ର କଲ୍ୟାଣ ବୋର୍ଡ ସଦସ୍ୟା ଡ଼.ଗୀତା ଶ୍ରୀ ପ୍ରିୟମ୍ବଦା, ଯୁକ୍ତଦୁଇ ଅଧ୍ୟକ୍ଷ ରଣବୀର ସିଂ, ବିଷ୍ଣୁ ଦେବ ସିଂ ମଲ୍ଲିକଙ୍କ ଉପସ୍ଥିତିରେ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ପରୀକ୍ଷା ଶେଷ ହେବାର ମାତ୍ର ୩୬ ଦିନପରେ ରେଜଲ୍ଟ ପ୍ରକାଶନ ହୋଇଛି। ସ୍ନାତକରେ ପାସ ହାର ୭୫% ପ୍ରତିଶତ ରହିଥିବା ବେଳେ ଥିବା ବେଳେ କଳା ବିଭାଗରେ ୭୫.୯% ପ୍ରତିଶତ, ବିଜ୍ଞାନ ବିଭାଗରେ ୭୦.୬, ଏବଂ ବାଣିଜ୍ୟ ବିଭାଗରେ ୬୫.୯% ପ୍ରତିଶତ ପାସ ହାର ରହିଛି। ସେହିପରି ସ୍ନାତକୋତ୍ତରରେ ପାସ୍ ହାର ୯୮.୭୪% ପ୍ରତିଶତ ରହିଛି। ସ୍ନାତକୋତ୍ତରରେ ହିନ୍ଦୀ, ଓଡ଼ିଆ ଏବଂ ରାଜନୀତି ବିଜ୍ଞାନରେ ୧୦୦% ଶତ ପ୍ରତିଶତ ରିଜଲ୍ଟ ହୋଇଥିବା ବେଳେ ରାସାୟନିକ ବିଭାଗରେ ୯୬% ପ୍ରତିଶତ ପାସ ହାର ରହିଛି। ୪ ଜଣ ଛାତ୍ରୀ ଟପର ହୋଇଛନ୍ତି।

# ଓଡିଶା ଆଦର୍ଶ ବିଦ୍ୟାଳୟ କୋକସରା ସିବିଏସଇ ପରୀକ୍ଷା ମାଟ୍ରିକ ଓ ଦ୍ୱାଦଶରେ ସଫଳତା

ଧର୍ମଗଡ଼, (ଡିକେ ନ୍ୟୁଜ୍): ସଦ୍ୟ ପ୍ରକାଶ ପାଇଥିବା ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ଫଳାଫଳ ସନ୍ତୋଷଜନକ ହୋଇଥିବା ଜଣାପଡିଛି। ଦଶମ ଶ୍ରେଣୀ ପରୀକ୍ଷାରେ ଚଳିତ ବର୍ଷ ୮୮.୨୩ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବେଳେ ଦ୍ୱାଦଶ ପରୀକ୍ଷାରେ ୮୬.୬୬ ପ୍ରତିଶତ ରିଜଲ୍ଟ ହୋଇଛି। ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ଡ଼ଲି ରୋହିଲା ୯୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ଟପ୍ପର ହୋଇଥିବା ବେଳେ ଦ୍ୱାଦଶ ପରୀକ୍ଷାରେ ନିହାରିକା ରାଉତ ୮୩ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ତେବେ ଗତବର୍ଷ (୨୩/୨୪)ରେ ଆଦର୍ଶ ବିଦ୍ୟାଳୟର ରେଜଲ୍ଟ ନୈରାଶ୍ୟ ଜନକ ରହିଥିବା ବେଳେ ଚଳିତ ବର୍ଷ ରେଜଲ୍ଟ ସନ୍ତୋଷଜନକ ରହିଥିବା ଜଣାପଡିଛି। ଗତବର୍ଷ ଦଶମ ପରୀକ୍ଷାରେ ୭୫ ପ୍ରତିଶତ ଓ ଦ୍ୱାଦଶରେ ୪୦.୭ ରହିଥିବା ନେଇ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ନିଝୁମ ରାଣି ପଣ୍ଡିତ ସୂଚନା ଦେଇଛନ୍ତି।

# ସିବିଏସଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଓମ ଭ୍ୟାଲି ସ୍କୁଲର ସଫଳତା



ଟିଟିଲାଗଡ଼, (ଡିକେ ନ୍ୟୁଜ୍): ସିବିଏସଇ ବୋର୍ଡ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଟିଟିଲାଗଡ଼ ସହରର ପ୍ରତିଷ୍ଠିତ ଓମ ଭ୍ୟାଲି ସ୍କୁଲର ଛାତ୍ରଛାତ୍ରୀମାନେ ଚଳିତ ବର୍ଷ ମଧ୍ୟ ବହୁତ ଭଲ ମାର୍କ ରଖିଛନ୍ତି। ଶୁକ୍ରବାର ସକାଳେ ସ୍ଥାନୀୟ ଓମ ଭ୍ୟାଲି ଜୁନିଅର ୱିଂସ ଠାରେ ଏକ ସ୍କୁଲ ଚିଫ ଏଡଭାଇଜର ଡ.ରୋବିନ ଚନ୍ଦ୍ର ପରିମାଣିକଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୁନିଅର ୱିଙ୍ଗସ କୋର୍ଡି ନେଟର ମଧ୍ୟ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ସସ୍ମିତା ଦଳେଇ। ପ୍ରଥମେ ସମସ୍ତ କୃତୀ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ମିଠା ଖୁଆଇ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ, ତାଙ୍କ ପିତାମାତା ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ମେନେଜମେଣ୍ଟକୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ। ଚଳିତ ବର୍ଷ ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ୯୬.୬୬ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି ଜି ବି ବିକାଶ ରଞ୍ଜନ ମଙ୍ଗରାଜ, ହୁସେନ କୁମାର ସାହୁ ୯୬.୪ ପ୍ରତିଶତ ରଖିଛନ୍ତି। ସେହିପରି ଦ୍ୱାଦଶ ବିଜ୍ଞାନ ବୋର୍ଡ ପରୀକ୍ଷାରେ ହିମାଂଶୁ ବେହେରା ୮୯ ପ୍ରତିଶତ ମାର୍କ ରଖିଥିବା ବେଳେ ଦ୍ୱାଦଶ ବାଣିଜ୍ୟ ପରୀକ୍ଷାରେ ୯୧.୬ ପ୍ରତିଶତ ମାର୍କ ରଖି ଅଂଶୁମାନ ମହାନ୍ତି, ଦ୍ୱାଦଶ କଳା ପରୀକ୍ଷାରେ ପ୍ରତିଭା ତାଣ୍ଡି ୮୫.୪ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ପାଇଛନ୍ତି। ଏହା ସହ ଚଳିତ ବର୍ଷ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଛାତ୍ରଛାତ୍ରୀମାନେ ହେଲେ ପ୍ରାଞ୍ଜଳ ଜୈନ, ସୋହନ କୁମାର ଦାସ, ସାହିଲ ସାହୁ, ପ୍ରଶାନ୍ତ ଖୁଣ୍ଟିଆ, ଆକାସ ଟୁଡୁ।

# ସରକାରଙ୍କ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ କାଶିବୁଣ୍ଡେଲ ଗ୍ରାମବାସୀ

## ଗମନାଗମନ, ବିଜୁଳି ଏମାନଙ୍କ ପାଇଁ ସାତ ସପନ



କଳାହାଣ୍ଡି, (ଡିକେ ନ୍ୟୁଜ୍): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଗୁଡିକରେ ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଏହାକୁ ନେଇ କୋଟି କୋଟି ଟଙ୍କା ବ୍ୟୟବରାଦ ମଧ୍ୟ କରୁଛନ୍ତି। ହେଲେ ଏବେ ବି ଦୁର୍ଗମ ଲାଞ୍ଜିଗଡ ବ୍ଲକର ୩୦ରୁ ଅଧିକ ଗାଁ ଯେଉଁଠିକି ସରକାରଙ୍କ ମୌଳିକ ସୁବିଧା ଆଜି ପର୍ଯ୍ୟନ୍ତ ପହଞ୍ଚି ପାରି ନାହିଁ। ଏଭଳି ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ଅଧିନସ୍ଥ ଏକ ଆଦିବାସୀ ଅଦ୍ୟଷିତ ଗାଁ କାଶିବୁଣ୍ଡେଲ। ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ଏହି କାଶିବୁଣ୍ଡେଲ ଗାଁରେ ୧୦ଟି ଆଦିବାସୀ ବା କୋଟିଆ କନ୍ଧ ସମ୍ପ୍ରଦାୟ ଲୋକେ ଦୀର୍ଘ ୮୦ ବର୍ଷ ଉର୍ଦ୍ଧ୍ୱ ସମୟ ଧରି ବସବାସ କରିଆସୁଛନ୍ତି। ହେଲେ ଏମାନଙ୍କୁ ଏବେବି ସରକାରଙ୍କ ପକ୍ଷରୁ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଗମନା ଗମନ ଓ ବିଜୁଳି ଏହି ଗ୍ରାମବାସୀଙ୍କ ପାଇଁ ମୁଖ୍ୟ ସମସ୍ୟା ହୋଇ ରହିଛି। ବ୍ଲକ କାର୍ଯ୍ୟାଳୟଠାରୁ ୩୧ କିମି ଦୂରରେ ରହିଥିବା ବେଳେ ନିଜ ପଞ୍ଚାୟତ ଅଫିସ ଠାରୁ ମାତ୍ର ୪ କିଲୋମିଟର ଦୂରରେ ଅବସ୍ଥିତ ଏହି ଗାଁ। କିନ୍ତୁ ଏହି ଗାଁରେ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ଏଯାଏଁ କୌଣସି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଯାହା ଫଳରେ ଦୂରଦିନ ଅବସ୍ଥାରେ ବର୍ଷ ବର୍ଷ ଧରି ପଡି ରହିଛି ଏହି କାଶିବୁଣ୍ଡେଲ ଗାଁ। ଗମନାଗମନ ପାଇଁ ଗାଁକୁ ଏ ଯାଏଁ ରାସ୍ତା ଟିଏ ହୋଇ ପାରିନାହିଁ। ପଞ୍ଚାୟତ ପକ୍ଷରୁ କିଛି ରାସ୍ତା କାମ କରାଯାଇଛି। ବର୍ତ୍ତମାନ ସେହି ରାସ୍ତାଟି ମରଣଜନ୍ତା ପାଲଟିଛି। ଯେଉଁଠାରେ ଗମନାଗମନର ବ୍ୟବସ୍ଥା ଏଭଳି ହୋଇଛି ସେଠାରେ ଶିକ୍ଷାକୁ ପଚାରେ କିଏ। ଯାହା ଫଳରେ ଗାଁର ଅନେକ କୋମଳମତି ଶିଶୁ ଶିକ୍ଷାରୁ ବଞ୍ଚିତ ଅଛନ୍ତି। ଏମାନଙ୍କୁ କେବଳ ପାଦ ଚଲା ରାସ୍ତା ହିଁ ଏକ ମାତ୍ର ବିକଳ୍ପ ହୋଇଛି। ତ୍ରିଲୋଚନପୁର ଲଡାଙ୍ଗ ଗାଁ ଠାରୁ ଏହି ଗାଁକୁ ପାଦ ଚଲା ରାସ୍ତା ମାତ୍ର ଦେଢ଼ କିମି ଦୂର ରହିଥିବା ବେଳେ ପାଦ ଚଲା ରାସ୍ତାର ଦୁଇ ପାର୍ଶ୍ୱରେ ଅନାବନା ଗଛ ସହିତ ଘଞ୍ଚ ଜଙ୍ଗଲ ପରି ରହିଛି। ସେହି ରାସ୍ତା ଦେଇ ଛୋଟ ଛୋଟ ପିଲାମାନେ ଲଡାଙ୍ଗ ଗାଁ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରକୁ ପାଠ ପଢି ଯିବା ସମ୍ଭବ ହେଉନାହିଁ। ଏହି ରାସ୍ତା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ ପ୍ରଶାସନ ଗାଁ ପ୍ରତି ଦୃଷ୍ଟି ଦେଉନଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି। ଯାହା ଫଳରେ ଅନେକ ଗରିବ ନିରୀହ ଶିଶୁଙ୍କ ଭବିଷ୍ୟତ ନଷ୍ଟ ହେବାରେ ଲାଗିଛି। ଯେଉଁ ଗ୍ରାମରେ ରାସ୍ତା ନାହିଁ ସେଠାରେ ସ୍ୱାସ୍ଥ୍ୟକୁ କିଏ ପଚାରେ। ଗାଁକୁ ଭଲକରି ସ୍ୱାସ୍ଥ୍ୟକର୍ମୀ ଆସୁନାହାନ୍ତି ବୋଲି ଗାଁ ଲୋକେ କହୁଥିବା ବେଳେ ଗାଁ ଠାରୁ ୫ କିଲୋମିଟର ଦୂର ତ୍ରିଲୋଚନପୁର ଠାରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରଟି ଏବେ ଭୁତ କୋଠି ପାଲଟିଛି। ବିଦ୍ୟୁତ କଥା କହିଲେ ଏବେ ଯାଏଁ ବିଦ୍ୟୁତ ଗାଁରେ ସଂଯୋଗ ହୋଇପାରିନାହିଁ। ପଞ୍ଚାୟତରେ ପୂର୍ବ ଭଳି କିରୋସିନୀ ହିତାଧିକାରୀଙ୍କୁ ଆଉ ମିଳୁନାହିଁ। ଯାହା ଫଳରେ ଡିବିରୀ ଆଲୁଅ ହିଁ ଏହି ଗାଁ ପାଇଁ ଭରଷା ହୋଇଛି। ବାରମ୍ବାର ବିଦ୍ୟୁତ ବିଭାଗକୁ ଜଣାଇବା ପରେ ବ୍ଲକ ଅଭିଯୋଗ ଶୁଣାଣି ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ଗାଁ ଲୋକେ ପ୍ରକାଶ କରିଛନ୍ତି। ବିଜୁଳି ନଥିବା ଯୋଗୁଁ ନାନା ଅସୁବିଧାରେ ସମ୍ମୁଖୀନ ହେଉଛି ବୋଲି ମତ ପ୍ରକାଶ କରିଛନ୍ତି ଗ୍ରାମବାସି। ତେଣୁ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ଗାଁ ରାସ୍ତା ଓ ବିଦ୍ୟୁତ ସଂଯୋଗ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

# ହିତାଧିକାରୀଙ୍କୁ ସାଂସଦ, ବିଧାୟକ ବାଣ୍ଟିଲେ ଘରଡ଼ିହ ପଟ୍ଟା




ଧର୍ମଗଡ଼, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ସଭା ଗୃହରେ ଧର୍ମଗଡ ତହସିଲ ତରଫରୁ ଭୂମି ହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା କେଶରୀ ଦେଓ, ସମ୍ମାନିତ ଅତିଥି ଭାବରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ଧର୍ମଗଡ ଉପଜିଲ୍ଲାପାଳ ଧିମାନ ଚକମା, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଧର୍ମଗଡ ତହସିଲଦାର ସଞ୍ଜୟ କୁମାର ସାମନ୍ତରା ପ୍ରମୁଖ ପ୍ରଥମ ପର୍ଯ୍ୟାୟରେ ଧର୍ମଗଡ ତହସିଲର ଖଇରପଦର, ର୍କିକାକାନି, କାଙ୍କେରୀ, ଧର୍ମଗଡ (ଗ୍ରାମାଞ୍ଚଳ) ରାଜସ୍ୱ ନିରୀକ୍ଷକ ଅଞ୍ଚଳର ମୋଟ ୫୭ଜଣ ହିତାଧିକାରୀଙ୍କୁ ଘର ଡିହ ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମଙ୍କୁ ରେକର୍ଡ କିପର ଗୋପାଳ ମେହେର ପରିଚାଳନା କରିଥିବା ବେଳେ ବଡବାବୁ ସୁନୀଲ କୁମାର କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ। ରେଭେନ୍ୟୁ ସୁପର ଭାଇଜର ରଂଜିତ କୁମାର ରାଉତ, ସିନିୟର କ୍ଲର୍କ ଆଶିଷ କୁମାର ପଣ୍ଡା, ସତ୍ୟବାନ ନାଏକ, ନାଜିର ହରି ମେହେର, ଡିଇଓ କିରଣ କରଆଁ, ଚନ୍ଦ୍ରକାନ୍ତ ଦୁରିଆ, ବିକାଶ କୁମାର ନାଏକ ସମେତ ସମସ୍ତ ଆରଆଇ ଏବଂ ତହସିଲ କର୍ମଚାରୀ ସହଯୋଗ କରିଥିଲେ।

# ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ମହିଳା ଦଳ ଘୋଷିତ

## ଟି-ଟ୍ୱେଣ୍ଟିକୁ ଫେରିଲେ ଶେଫାଳି ଓ ସ୍ନେହ




**ଟି-ଟ୍ୱେଣ୍ଟି ଦଳ**

ହର୍ମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧନା (ଉପ ଅଧିନାୟକ), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ରିଚ୍ଚା ଘୋଷ, ଯଷ୍ଟିକା ଭାଟିଆ, ତେଜଲ ହସବନିସ୍, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚରଣୀ, ସୂଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼, ସାୟଲି ସତଘରେ।

**ଦିନିକିଆ ଦଳ**

ହର୍ମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧନା (ଉପ ଅଧିନାୟକ), ପ୍ରତୀକା ରାଓ୍ୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ରିଚ୍ଚା ଘୋଷ, ଯଷ୍ଟିକା ଭାଟିଆ, ତେଜଲ ହସବନିସ୍, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚରଣୀ, ସୂଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼, ସାୟଲି ସତଘରେ।

ନୂଆଦିଲ୍ଲୀ, ୧୬।୫ (ହି.ସ): ଭାରତୀୟ ମହିଳା କ୍ରିକେଟ ଦଳ ଆସନ୍ତା ମାସ ଇଂଲଣ୍ଡ ଗସ୍ତ କରି ଏକ ସୀମିତ ଓଭର କ୍ରିକେଟ୍ ସିରିଜ ଖେଳିବ। ଉଭୟ ଦଳ ମଧ୍ୟରେ ୫ଟି ଟି-ଟ୍ୱେଣ୍ଟି ଓ ୩ଟି ଦିନିକିଆ ଖେଳାଯିବ। ଉଭୟ ସିରିଜ ପାଇଁ ଶୁକ୍ରବାର ଭାରତୀୟ ଦଳ ଘୋଷଣା ହୋଇଛି। ଦୁର୍ଦ୍ଧର୍ଷ ଓପନର ଶେଫାଳି ବର୍ମା ଏବଂ ସ୍ପିନର ସ୍ନେହ ରାଣା ଟି-ଟ୍ୱେଣ୍ଟି ଦଳକୁ ଫେରିଛନ୍ତି। ଅନ୍ୟ ପଟରେ ୪ଜଣ ଯୁବ ଖେଳାଳିଙ୍କୁ ମଧ୍ୟ ଏହି ଦଳରେ ସୁଯୋଗ ଦିଆଯାଇଛି। ସେମାନେ ହେଲେ ଅଲରାଉଣ୍ଡର କ୍ରାନ୍ତି ଗୌଡ଼, ସାୟଲି ସତଘରେ, ବାମ ହାତି ସ୍ପିନର ଏନ୍ ଶ୍ରୀ ଚରଣୀ ଓ ସୂଚୀ ଉପାଧ୍ୟାୟ। ଶେଫାଳି ଗତ ବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପରଠୁ ଦଳରୁ ଅଣଦେଖା ହୋଇ ଆସୁଥିଲେ। ମାତ୍ର ଘରୋଇ କ୍ରିକେଟ୍ ଏବଂ ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ରେ ଦୃଢ ପ୍ରଦର୍ଶନ କରି ଦଳକୁ ଫେରିଛନ୍ତି। ସିନିୟର ମହିଳା ଦିନିକିଆ ଟ୍ରଫିରେ ସେ ୧୫୨.୩୧ ଷ୍ଟ୍ରାଇକ ରେଟରେ ୫୨୭ରନ୍, ଦିନିକିଆ ଚ୍ୟାଲେଞ୍ଜର ଟ୍ରଫିରେ ୪୧୪ରନ୍ ଏବଂ ଡବ୍ଲୁପିଏଲରେ ୩୦୪ରନ୍ ସଂଗ୍ରହ କରିଥିଲେ। ଶ୍ରୀଲଙ୍କାରେ ଆୟୋଜିତ ଗତ ମହିଳା ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ଭାରତ ଚାମ୍ପିଅନ୍ ହୋଇଥିଲା। ତେଣୁ ଚୟନ କମିଟି ଦିନିକିଆ ଦଳରେ କୌଣସି ପରିବର୍ତ୍ତନ କରିନାହାନ୍ତି। କେବଳ ଆହତ କାଶବୀ ଗୌତମଙ୍କ ସ୍ଥାନରେ ସାୟଲିଙ୍କୁ ସାମିଲ କରାଯାଇଛି। ଭାରତୀୟ ଦଳ ଘରୋଇ ଇଂଲଣ୍ଡ ବିପକ୍ଷରେ ୫ଟି ଟି-ଟ୍ୱେଣ୍ଟି (ଜୁନ ୨୮, ଜୁଲାଇ ୧, ୪, ୯, ୧୨ ତାରିଖ) ଏବଂ ୩ଟି ଦିନିକିଆ (ଜୁଲାଇ ୧୬, ୧୯, ୨୨ତାରିଖ) ଖେଳିବ।

# ଏସ୍ପାନିଓଲକୁ ପରାସ୍ତ କରି ବାର୍ସିଲୋନା ଜିତିଲା ୨୮ତମ ଲା ଲିଗା ଟାଇଟଲ




ବାର୍ସିଲୋନା, ୧୬।୫ (ହି.ସ): ସ୍ପେନର ଫୁଟବଲ ଜଗତରେ ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ବାର୍ସିଲୋନା ଏକ ରୋମାଞ୍ଚକର ମ୍ୟାଚରେ ଏସ୍ପାନିଓଲକୁ ପରାସ୍ତ କରି ୨୮ତମ ଲା ଲିଗା ଟାଇଟଲ ହାସଲ କରିଛି। ଏହି ବିଜୟ ସହିତ ବାର୍ସିଲୋନା ସ୍ପେନିସ ଫୁଟବଲରେ ନିଜର ଆଧିପତ୍ୟକୁ ଆହୁରି ସୁଦୃଢ କରିଛି, ଯାହା ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହର ଲହରୀ ସୃଷ୍ଟି କରିଛି। ବାର୍ସିଲୋନାର ଘରୋଇ ମୈଦାନ କ୍ୟାମ୍ପ ନୌରେ ଅନୁଷ୍ଠିତ ଏହି ମ୍ୟାଚରେ ବାର୍ସିଲୋନା ପ୍ରଥମ ମିନିଟରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଦଳର ଅଧିନାୟକ ଓ ଷ୍ଟାର ଖେଳାଳିଙ୍କ ନେତୃତ୍ୱରେ ବାର୍ସିଲୋନା ପ୍ରଥମ ଅର୍ଦ୍ଧରେ ଏକ ଦୃଢ ଆଧିପତ୍ୟ ବଜାୟ ରଖିଥିଲା। ମ୍ୟାଚର ୨୩ତମ ମିନିଟରେ ବାର୍ସିଲୋନାର ଏକ ଚମତ୍କାର ଟିମ୍ୱାର୍କର ଫଳସ୍ୱରୂପ ପ୍ରଥମ ଗୋଲ ଆସିଥିଲା, ଯାହା ପ୍ରଶଂସକଙ୍କୁ ଉତ୍ସାହିତ କରିଥିଲା। ଏସ୍ପାନିଓଲ ମଧ୍ୟ ଜୋରଦାର ପ୍ରତିଆକ୍ରମଣ କରି କିଛି ସୁଯୋଗ ସୃଷ୍ଟି କରିଥିଲା, କିନ୍ତୁ ବାର୍ସିଲୋନାର ଡିଫେନ୍ସ ଏବଂ ଗୋଲକିପରଙ୍କ ଦକ୍ଷତା ସେମାନଙ୍କୁ ଗୋଲ ସ୍କୋର କରିବାରୁ ରୋକିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବାର୍ସିଲୋନା ଆହୁରି ଆକ୍ରମଣ ଜାରି ରଖିଥିଲା। ୬୭ତମ ମିନିଟ୍ରେ ଏକ ଫ୍ରି-କିକ ମାଧ୍ୟମରେ ବାର୍ସିଲୋନା ଦ୍ୱିତୀୟ ଗୋଲ ସ୍କୋର କରି ମ୍ୟାଚରେ ୨-୦ରେ ଆଗୁଆ ରହିଥିଲା। ମ୍ୟାଚର ଶେଷ ମିନିଟରେ ସ୍ପାନିଓଲ ଗୋଟିଏ ଗୋଲ ଫେରାଇବାକୁ ସଫଳ ହୋଇଥିଲା, ଯାହା ଖେଳକୁ ରୋମାଞ୍ଚକର କରି ଦେଇଥିଲା। କିନ୍ତୁ, ବାର୍ସିଲୋନାର ଡିଫେନ୍ସିଭ ରଣନୀତି ଏବଂ କୋଚ୍‌ଙ୍କ ସଠିକ ଖେଳାଳି ପରିବର୍ତ୍ତନ ଦଳକୁ ବିଜୟ ମାର୍ଗରେ ନେଇଯାଇଥିଲା। ଶେଷରେ, ୨-୧ ସ୍କୋର ସହିତ ବାର୍ସିଲୋନା ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଜିତି ଲା ଲିଗା ଟାଇଟଲ ନିଜ ନାମରେ କରିଥିଲା।

# ଦୁଇଗୁଣା ବଢ଼ିଲା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପୁରସ୍କାର ରାଶି



ଦୁବାଇ, ୧୬।୫ (ହି.ସ): ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ୨୦୨୫ ଟାଇଟଲ ବିଜେତାକୁ ୩.୬ ନିୟୁତ ଆମେରିକୀୟ ଡଲାର ମିଳିବ, ଯାହାକି ଗତ ସଂସ୍କରଣ ତୁଳନାରେ ଦୁଇଗୁଣାରୁ ଅଧିକ। ୨୦୨୩ରେ ଭାରତ ବିପକ୍ଷ ଫାଇନାଲ ଜିତି ଅଷ୍ଟ୍ରେଲିଆ ୧.୬ ନିୟୁତ ଡଲାର ପାଇଥିଲା। ୨୦୨୫ ଫାଇନାଲ ଜୁନ୍ ୧୧ରେ ଲଡର୍ସଠାରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ। ଏଥର ପରାଜିତ ଦଳ ୨.୧ ନିୟୁତ ଆମେରିକୀୟ ଡଲାର ପୁରସ୍କାର ପାଇବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଏହି ଇଭେଣ୍ଟର ଗତ ଦୁଇ ସଂସ୍କରଣର ରନରଅପ୍ ୮୦୦,୦୦୦ ଡଲାର ଲେଖାଏ ପାଇଥିଲେ। ଡବ୍ଲୁଟିସି ସାଇକେଲରେ ୯ଟି ଦଳକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ହୋମ୍ ସିରିଜ ଜିତିବା ପରେ ଦକ୍ଷିଣ ଆଫ୍ରିକା ୬୯.୪୪ ପଏଣ୍ଟ ସହ ଟେବୁଲ ଶୀର୍ଷରେ ପହଞ୍ଚି ଯାଇଥିଲା। ଅଷ୍ଟ୍ରେଲିଆ ୬୭.୫୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାରତ ୫୦.୦୦ ପ୍ରତିଶତ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲା।

# ଅର୍ସଦଙ୍କ ସହ ଘନିଷ୍ଠ ବନ୍ଧୁତା ନଥିଲା: ନୀରଜ




ନୂଆଦିଲ୍ଲୀ, ୧୬।୫ (ହି.ସ): ସମ୍ପ୍ରତି ବିଶ୍ୱ ଜାଭଲିନ୍ ଦୁନିଆର ଅନ୍ୟତମ ଦୁଇ ଶ୍ରେଷ୍ଠ ଖେଳାଳି ଭାରତୀୟ ତାରକା ନୀରଜ ଚୋପ୍ରା ଏବଂ ଅଲିମ୍ପିକ୍ ବିଜେତା ପାକିସ୍ତାନର ଅର୍ସଦ ନଦୀମଙ୍କ ସମ୍ପର୍କକୁ ନେଇ ଅତୀତରେ ଅନେକ ଚର୍ଚ୍ଚା ହୋଇଛି। ବିଗତ କିଛି ବର୍ଷ ହେବ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ରହିଥିବା ଉଭୟ ସ୍ୱୀକାର ବି କରିଥିଲେ। ଏପରିକି ନୀରଜଙ୍କ ମା' ମଧ୍ୟ ଅର୍ସଦଙ୍କୁ ପୁଅ ଭଳି ଦେଖନ୍ତି ବୋଲି ସ୍ୱୀକାର କରିଥିଲେ। ଅବଶ୍ୟ ଏଥିପାଇଁ ତାଙ୍କୁ ଢେର୍ ଟ୍ରୋଲ୍ କରିଛନ୍ତି ନୀରଜଙ୍କ ଭାରତୀୟ ପ୍ରଶଂସକମାନେ। ଦୁଇ ଥର ଅଲିମ୍ପିକ୍ ପଦକ ଜିତିଥିବା ନୀରଜଙ୍କୁ ବୁଧବାର ଭାରତ ସରକାର ଟେରିଟୋରିଆଲ୍ ଆର୍ମିର ସମ୍ମାନସୂଚକ ଲେଫ୍ଟନାଣ୍ଟ୍ କର୍ଣ୍ଣେଲ ପଦ ପ୍ରଦାନ କରିଛନ୍ତି। ଏହା ପରେ ନୀରଜଙ୍କ ପ୍ରତିକ୍ରିୟା ତାଙ୍କ ପୂର୍ବ ମନ୍ତବ୍ୟର ୟୁ ଟର୍ଣ୍ଣ ଭଳି ହୋଇଛି। ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଦେଖା ଦେଇଥିବା ଭାରତ-ପାକିସ୍ତାନ ଉତ୍ତେଜନା ପରିସ୍ଥିତି ପରେ ନୀରଜ କହିଛନ୍ତି 'ଅର୍ସଦ ବାସ୍ତବରେ କେବେ ବି ମୋର ଘନିଷ୍ଠ ବନ୍ଧୁ ନଥିଲେ। ସମସ୍ତଙ୍କ ପାଇଁ ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ କି ଅର୍ସଦଙ୍କ ସହ ସେଭଳି ଦୃଢ ସମ୍ପର୍କ ନାହିଁ। ଖେଳାଳି ଭାବେ ଆମେ ପରସ୍ପର ସହ ଆଲୋଚନା କରିଥାଉ। ବିଶ୍ୱବ୍ୟାପୀ ଖେଳାଳିଙ୍କ ଗୋଷ୍ଠୀ ଭିତରେ ବନ୍ଧୁତା ରହିଥାଏ। ଏମିତି ବି ମୋତେ ଯିଏ ସମ୍ମାନ ଦିଏ, ମୁଁ ବି ତାକୁ ସେଭଳି ବ୍ୟବହାର କରେ'। ଜାଭଲିନ୍ ପରିବାର ଏକ ଛୋଟିଆ ଗୋଷ୍ଠୀ, ସମସ୍ତେ ନିଜ ନିଜ ଦେଶ ପାଇଁ ଖେଳିଥାନ୍ତି ଏବଂ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରନ୍ତି। କିନ୍ତୁ ସାମ୍ପ୍ରତିକ ପରିସ୍ଥିତି ଦୃଷ୍ଟିରୁ ଅର୍ସଦଙ୍କ ସହ ପୂର୍ବ ଭଳି ସମ୍ପର୍କ ରହିପାରିବ ନାହିଁ ବୋଲି ମଧ୍ୟ ନୀରଜ ପ୍ରକାଶ କରିଛନ୍ତି। ଦୋହା ଡାଏମଣ୍ଡ୍ ଲିଗ୍ ପୂର୍ବରୁ ନୀରଜ ଏଭଳି କହିଛନ୍ତି। ଦୋହାରେ ନୀରଜଙ୍କୁ ଦୁଇ ଥର ଅଲିମ୍ପିକ୍ ବିଜେତା ତଥା ୨୦୨୪ ଅଲିମ୍ପିକ୍ସ କାଂସ୍ୟ ବିଜେତା ଗ୍ରେନାଡାର ଆଣ୍ଡରସନ୍ ପିଟର୍ସ ଏବଂ ୨୦୨୪ ଦୋହା ଡାଏମଣ୍ଡ୍ ଲିଗ୍ ବିଜେତା ଚେଚିଆର ଜ୍ୟାକବ୍ ଭାଦଲେଚ୍, ଜର୍ମାନୀ ଯୋଡ଼ି ଜୁଲିଆନ୍ ୱେବର୍ ଓ ମ୍ୟାକ୍ସ ଡେନିଙ୍ଗ୍, ଜାପାନର ଗେଙ୍କି ଡିନ୍ ପ୍ରମୁଖ ଆହ୍ୱାନ ଦେବେ। ଓଡ଼ିଆ ପୁଅ କିଶୋର ଜେନା ବି ଏଠାରେ ଗତବର୍ଷ ନବମ ସ୍ଥାନ ପ୍ରଦର୍ଶନକୁ ପଛରେ ପକାଇବା ଆଶା ରଖିଛନ୍ତି। ଏସିଆଡ୍ ରୌପ୍ୟ ବିଜେତା ନୀରଜ ଗତବର୍ଷ ଏଠାରେ ୭୬.୩୧ ମିଟର୍ ଥ୍ରୋ କରିଥିଲେ ମଧ୍ୟ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୭.୫୪ ମିଟର୍ ପର୍ଯ୍ୟନ୍ତ ଲମ୍ୱିଛି। ନୀରଜ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଏବଂ ଗତବର୍ଷ ପ୍ୟାରିସ୍ ଅଲିମ୍ପିକ୍ସରେ ଅର୍ସଦଙ୍କ ପଛରେ ରହି ରେପ୍ୟ ଜିତିଥିଲେ।

# ପୁଣି ପ୍ରେମରେ ପଡ଼ିଲେ ସାମନ୍ଥା



ମୁମ୍ବାଇ, ୧୬।୫ (ହି.ସ): ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବଂ ପ୍ରଖ୍ୟାତ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କ ମଧ୍ୟରେ ଡେଟିଂ ଗୁଜବ ଦୀର୍ଘ ଦିନ ଧରି ଚର୍ଚ୍ଚାରେ ରହିଛି। ଏବେ ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଏହି ଦୁଇ ଜଣ ଏକାଠି ଘର କରିବାକୁ ଯାଉଛନ୍ତି, ଯାହା ସେମାନଙ୍କ ସମ୍ପର୍କକୁ ଆହୁରି ଗଭୀର କରିଛି ବୋଲି ଜଣାପଡୁଛି। ସାମନ୍ଥା ଓ ରାଜ ନିଦିମୋରୁଙ୍କ ସମ୍ପର୍କର ଗୁଜବ ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ସାମନ୍ଥା ୨୦୨୫ ଫେବୃଆରୀ ୧ ତାରିଖରେ ଏକ ପିକଲବଲ ଟୁର୍ଣ୍ଣାମେଣ୍ଟରୁ କିଛି ଫଟୋ ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ଏହି ଫଟୋ ମଧ୍ୟରେ ଗୋଟିଏ ଫଟୋରେ ସେ ରାଜଙ୍କ ହାତ ଧରିଥିବା ଦେଖାଯାଇଥିଲା, ଯାହା ପ୍ରଶଂସକଙ୍କ ମଧ୍ୟରେ ତୀବ୍ର ଚର୍ଚ୍ଚାର କାରଣ ହୋଇଥିଲା। ସାମନ୍ଥା ଚେନ୍ନାଇ ସୁପର ଚାମ୍ପସ ନାମକ ପିକଲବଲ ଟିମର ମାଲିକ ଅଟନ୍ତି ଏବଂ ରାଜ ମଧ୍ୟ ଏହି ଇଭେଣ୍ଟରେ ତାଙ୍କ ସହ ଉପସ୍ଥିତ ଥିଲେ। ଏହା ପରେ ମାର୍ଚ୍ଚ ମାସରେ ଏକ ଜନ୍ମଦିନ ପାର୍ଟିରେ ଦୁହେଁ ଏକ, ଏକ ଫଟୋ ଭାଇରାଲ ହୋଇଥିଲା, ଯେଉଁଥିରେ ସାମନ୍ଥା ଏକ ସବୁଜ ଡ୍ରେସରେ ଓ ରାଜ ସାଧାରଣ ପୋଷାକରେ ଦେଖାଯାଇଥିଲେ। ସମ୍ପ୍ରତି, ଏକ ରିପୋର୍ଟ ଅନୁଯାୟୀ, ସାମନ୍ଥା ଓ ରାଜ ଏକାଠି ରହିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ସେମାନଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହି ଖବର ସୋସିଆଲ ମିଡିଆରେ ତୀବ୍ର ଚର୍ଚ୍ଚାର ବିଷୟ ହୋଇଛି, ଯେଉଁଠାରେ ପ୍ରଶଂସକମାନେ ଏହି ଜୋଡ଼ିଙ୍କୁ ସାମରାଜ ନାମ ଦେଇ ସେମାନଙ୍କ ସମ୍ପର୍କକୁ ସମର୍ଥନ କରୁଛନ୍ତି। ସାମନ୍ଥା ଏବଂ ରାଜ ନିଦିମୋରୁ ପୂର୍ବରୁ ଦୁଇଟି ବଡ଼ ପ୍ରୋଜେକ୍ଟରେ ଏକାଠି କାମ କରିଛନ୍ତି। ରାଜ ଓ ତାଙ୍କ ସହଯୋଗୀ କ୍ରିଷ୍ଣା ଡିକେ (ରାଜ ଓ ଡିକେ ନାମରେ ପରିଚିତ) ନିର୍ଦ୍ଦେଶିତ 'ଦି ଫ୍ୟାମିଲି ମ୍ୟାନ ୨' ଏବଂ 'ସିଟାଡେଲ: ହନି ବନି'ରେ ସାମନ୍ଥା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏବେ ସେମାନେ ଆଗାମୀ ସିରିଜ 'ରକ୍ତ ବ୍ରହ୍ମାଣ୍ଡ: ଦି ବ୍ଲଡ଼ି କିଙ୍ଗଡମ'ରେ ପୁଣି ଏକାଠି କାମ କରୁଛନ୍ତି, ଯେଉଁଥିରେ ସାମନ୍ଥା ଆଦିତ୍ୟ ରୟ କପୁରଙ୍କ ସହ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ସାମନ୍ଥା ରାଜ ଓ ଡିକେଙ୍କୁ ତାଙ୍କ କ୍ୟାରିଅରରେ ନୂଆ ଚ୍ୟାଲେଞ୍ଜ ଗ୍ରହଣ କରିବା ପାଇଁ ପ୍ରେରଣା ଦେଇଥିବା ବୋଲି କ୍ରେଡିଟ ଦେଇଛନ୍ତି। ସାମନ୍ଥା ପୂର୍ବରୁ ୨୦୧୭ରେ ଅଭିନେତା ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ, କିନ୍ତୁ ୨୦୨୧ରେ ଉଭୟେ ଅଲଗା ହୋଇଯାଇଥିଲେ। ଏହା ପରେ ସାମନ୍ଥା ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଖୋଲାଖୋଲି କଥା କହିବା ବନ୍ଦ କରିଦେଇଛନ୍ତି ଏବଂ ତାଙ୍କ କାର୍ଯ୍ୟ ଉପରେ ଅଧିକ ଧ୍ୟାନ ଦେଇଛନ୍ତି। ୨୦୨୨ରେ ସେ ମାୟୋସାଇଟିସ ନାମକ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା, ଯାହା ପରେ ସେ ସ୍ୱାସ୍ଥ୍ୟ ବିଷୟରେ ଅଧିକ ସଚେତନ ହୋଇଛନ୍ତି। ଅନ୍ୟପଟେ ରାଜ ନିଦିମୋରୁ ୨୦୧୫ ମସିହାରେ ଶ୍ୟାମଳୀ ଡେଙ୍କୁ ବିବାହ କରିଥିଲେ, ଯିଏ ଜଣେ ସାଇକୋଲୋଜି ଗ୍ରାଜୁଏଟ ଏବଂ ଫିଲ୍ମ ଇଣ୍ଡଷ୍ଟ୍ରୀରେ ସ୍କ୍ରିପ୍ଟ ରାଇଟର ଓ କ୍ରିଏଟିଭ କନସଲଟାଣ୍ଟ ଭାବେ କାମ କରିଛନ୍ତି। ସାମନ୍ଥା ଓ ରାଜଙ୍କ ଡେଟିଂ ଗୁଜବ ମଧ୍ୟରେ ଶ୍ୟାମଳୀଙ୍କର ଏକ ଇନଷ୍ଟାଗ୍ରାମ ଷ୍ଟୋରୀ ମଧ୍ୟ ଚର୍ଚ୍ଚାରେ ରହିଛି, ଯେଉଁଥିରେ ସେ ଏକ ଶାନ୍ତିପୂର୍ଣ୍ଣ ବାର୍ତ୍ତା ସହ ସମସ୍ତଙ୍କ ପାଇଁ ଆଶୀର୍ବାଦ କାମନା କରିଥିଲେ। କିଛି ପ୍ରଶଂସକ ଏହାକୁ ଗୁଜବର ପ୍ରତିକ୍ରିୟା ଭାବେ ଦେଖିଥିବା ବେଳେ ଅନ୍ୟମାନେ ଏହାକୁ ତାଙ୍କ ନିୟମିତ ସକାରାତ୍ମକ ପୋଷ୍ଟର ଏକ ଅଂଶ ବୋଲି ମନେ କରିଛନ୍ତି।

# କର୍ଣ୍ଣାଟକ ହାଇକୋର୍ଟରୁ ସୋନୁ ନିଗମଙ୍କୁ ଆଶ୍ୱସ୍ତି



ନୂଆଦିଲ୍ଲୀ, ୧୬।୫ (ହି.ସ): କର୍ଣ୍ଣାଟକ ହାଇକୋର୍ଟ କନ୍ନଡ ସଂପ୍ରଦାୟର କଥିତ ଭାବେ ଅପମାନ କରିବା ମାମଲାରେ ସିଙ୍ଗର ସୋନୁ ନିଗମଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। କୋର୍ଟ ଆଦେଶ ଦେଇଛନ୍ତି କି, ତାଙ୍କ ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ, କିନ୍ତୁ ତାଙ୍କୁ ଯାଞ୍ଚରେ ସହଯୋଗ କରିବେ। ସୋନୁ ନିଗମ ନିଜ ବିରୋଧରେ ରୁଜୁ ଅପରାଧିକ ମାମଲାକୁ ରଦ୍ଦ କରାଇବା ପାଇଁ ହାଇକୋର୍ଟରେ ପିଟିସନ ଦେଇ ଥିଲେ। ଗତ ମାସରେ ମ୍ୟୁଜିକ୍ କନସର୍ଟରେ ହୋଇଥିବା ବିବାଦ ପରେ ଅଭିଯୋଗ ଉପରେ ବେଙ୍ଗାଲୁରୁ ପୋଲିସ ବିଏନଏସର ଧାରାର ୩୫୧ (୨) (ଅପରାଧିକ ଧମକ), ୩୫୧ (୧) (ଶାନ୍ତି ଭଙ୍ଗ କରିବାର ଉଦ୍ଦେଶ୍ୟରେ ଅପମାନ) ଓ ୩୫୩ (ସାର୍ବଜନିକ କ୍ଷତି କରିବା ସମ୍ଭାବନା ଥିବା ବୟାନ) ସହ ଅନ୍ୟ ଧାରା ଗୁଡ଼ିକ ଅନୁସାରେ, ମାମଲା ରୁଜୁ କରିଥିଲେ। ଜଷ୍ଟିସ୍ ଶିବଶଙ୍କର ଅମରନ୍ନଭରଙ୍କ ପୀଠ କହିଛନ୍ତି ଯେ, କୋର୍ଟଙ୍କୁ ରାଜ୍ୟ ସରକାର ଭରସା ଦେଇଛନ୍ତି ଯେ, ଯଦି ସେ ଯାଞ୍ଚରେ ସହଯୋଗ କରନ୍ତି, ତ ତାଙ୍କ ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ। ତେବେ କର୍ଣ୍ଣାଟକ ରକ୍ଷଣ ବେଦିକେର ଅଧ୍ୟକ୍ଷ ଧର୍ମରାଜ ଅନ୍ତତୈୟା ନିଜର ଅଭିଯୋଗରେ କହିଥିଲେ ଯେ, ସୋନୁ ନିଗମ କେବଳ କନ୍ନଡ ଲୋକଙ୍କ ଅପମାନ କରିନାହାନ୍ତି, ବରଂ କନ୍ନଡ ଗୀତର ଅନୁରୋଧକୁ ଆତଙ୍କବାଦୀ କାର୍ଯ୍ୟ ସହ ଯୋଡ଼ି ତାଙ୍କର ସାଂସ୍କୃତିକ ଗୌରବ ଓ ଭାଷା ଚିହ୍ନିବାର ତୁଳନା ହିଂସା ଓ ଅସହିଷ୍ଣୁତା ସହ କରିଛନ୍ତି। ଶୁଣାଣି ବେଳେ ସିଙ୍ଗରଙ୍କର ଓକିଲ ସାର୍ବଜନିକ କ୍ଷମା ପ୍ରାର୍ଥନା ଉଲ୍ଲେଖ୍ୟ କରିଥିଲେ, ସରକାର ଚୁକ୍ତି କରିଥିଲେ ଯେ ଟିପ୍ପଣୀ ଲାଇଭ୍ ପ୍ରସାରଣ ବେଳେ କରାଯାଇ ଥିଲା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଉପଯୁକ୍ତ ଥିଲା। ଉକ୍ତ ମାମଲାରେ ସୋନୁ ସଫେଇ ଦେଇଥିଲେ ଯେ, ସେଠାରେ ୪-୫ ଗୁଣ୍ଡା ପ୍ରକାରର ଲୋକ ଥିଲେ, ଯିଏ ଖୁବ୍ ଜୋରରେ କନ୍ନଡ କନ୍ନଡ ଚିଲାଇ ଥିଲେ। କିଛି ଯୁବତୀ ତାଙ୍କୁ ବୁଝାଉ ଥିଲେ କି ଏମିତି କର ନାହିଁ, ମାହୋଲ ଖରାପ ହେଉଛି। ମୁଁ ସେହି ୪-୫ ଜଣ ଲୋକଙ୍କୁ ଏହା କହିବାକୁ ଚାହୁଁଥିଲି ଯେ ପହଲଗାମରେ ଯେବେ ଆତଙ୍କବାଦୀମାନେ ହମଲା କରିଥିଲେ, ସେତେବେଳେ ସେ କାହାକୁ ଏହା ପଚାରି ନଥିଲେ ଯେ ସେ କେଉଁ ଭାଷା କୁହନ୍ତି। ଏହି ବିବାଦ ୨୫ ଅପ୍ରେଲରେ ବେଙ୍ଗାଲୁରୁର ଏକ ଇଂଜିନିୟରିଂ କଲେଜରେ ମ୍ୟୁଜିକ କନସର୍ଟ ବେଳେ ହୋଇଥିଲା। କନସର୍ଟ ବେଳେ ଅଡିଆନ୍ସ ସୋନୁଙ୍କୁ କନ୍ନଡ ଗୀତର ଡିମାଣ୍ଡ କରିଥିଲେ। ସିଙ୍ଗର ଅନୁରୋଧର ତରିକାକୁ ନେଇ ବିରୋଧ କରିଥିଲେ ଏବଂ ବିରକ୍ତିରେ ସେହି ଯୁବକଙ୍କୁ ଗାଳି କରିଥିଲେ। ସେ ପହଲଗାମରେ ହୋଇଥିବା ଆତଙ୍କବାଦୀ ହମଲାକୁ କହିଥିଲେ କନ୍ନଡ, କନ୍ନଡ, କନ୍ନଡ। ଏହି କାରଣ ଯେ, ପହଲଗାମ ହୋଇଛି। ସୋସିଆଲ ମିଡ଼ିଆରେ ଏହି ଟିପ୍ପଣୀକୁ ନେଇ ହଙ୍ଗାମା ହୋଇଛି ଏବଂ କର୍ଣ୍ଣାଟକ ଫିଲ୍ମ ଚ୍ୟାମ୍ବର ଅଫ୍ କମର୍ସ ତାଙ୍କୁ ବ୍ୟାନ କରିବାକୁ ନିଷ୍ପତ୍ତି ନେଇଥିଲା। ମାମଲା ବଢିବା କ୍ଷଣି ସୋନୁ କ୍ଷମା ମାଗି ନେଇଥିଲେ।




# ଆସିଲା 'ହରି ହର ବୀରା ମଲ୍ଲୁ'ର ପ୍ରଥମ ଝଲକ୍

ଚେନ୍ନାଇ, ୧୬।୫ (ହି.ସ): ଦକ୍ଷିଣ ଭାରତୀୟ ପାୱରଷ୍ଟାର ପବନ କଲ୍ୟାଣଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ହରି ହର ବୀରା ମଲ୍ଲୁ' ଭାଗ-୧ର ପ୍ରଥମ ଝଲକ୍ ସାମ୍ନାକୁ ଆସିଛି। ଫିଲ୍ମର ଅଫିସିଆଲ 'ଏକ୍ସ' ହ୍ୟାଣ୍ଡେଲରେ ଏହାର ପ୍ରଥମ ଝଲକ୍ ଶେୟାର କରାଯାଇଛି, ଯାହାକୁ ଦେଖିବାପରେ ଚଳଚ୍ଚିତ୍ରକୁ ନେଇ ପ୍ରଶଂସକଙ୍କ ଉତ୍ସାହ ଦୁଇଗୁଣା ବୃଦ୍ଧି ପାଇଛି। 'ହରି ହର ବୀରା ମଲ୍ଲୁ' ଏକ ଆକ୍ସନ୍ ଆଡଭେଞ୍ଚର୍ ଫିଲ୍ମ, ଯେଉଁଥିରେ ପବନ କଲ୍ୟାଣ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। 'ହରି ହର ବୀରା ମଲ୍ଲୁ' ଅଫିସିଆଲ୍ 'ଏକ୍ସ' ଆକାଉଣ୍ଟରେ ଏକ ଜିଆଇଏମ୍ ଶେୟାର କରାଯାଇଛି, ଯେଉଁଥିରେ ପବନଙ୍କ ପିଠି ଦେଖାଯାଉଛି ଏବଂ ଏକ ବଡ଼ ପକ୍ଷୀ ତାଙ୍କ କାନ୍ଧରେ ଆସି ବସିଛି, ସତେ ଯେମିତି ସେ ଅଭିନେତାଙ୍କ ବନ୍ଧୁ। ତେବେ ଏହି ପକ୍ଷୀଟି ଚିଲ ନା ଛଞ୍ଚାଣ ତାହା ସ୍ପଷ୍ଟ ଭାବେ ଜଣାପଡୁନାହିଁ, କାରଣ ଜିଆଇଏଫ୍‌ରେ ସାମ୍ନାର ଝଲକ୍ ଦେଖାଯାଉ ନାହିଁ। ଏହି ଛୋଟ ଜିଆଇଏଫ୍ ଝଲକ୍ ପାଇ ପବନଙ୍କ ପ୍ରଶଂସକମାନେ ବେଶ୍ ଖୁସି ଓ ଉତ୍ସାହିତ ହୋଇଛନ୍ତି। 'ହରି ହର ବୀରା ମଲ୍ଲୁ'ର ନିର୍ଦ୍ଦେଶନା ଦେଇଛନ୍ତି କ୍ରିଶ୍ ଜଗରଲାମୁଡି ଓ ଏଏମ ଜ୍ୟୋତି କୃଷ୍ଣା। ଏହି ଚଳଚ୍ଚିତ୍ରରେ ପ୍ରସିଦ୍ଧ ଡାକୁ ବୀରା ମଲ୍ଲୁଙ୍କ ଜୀବନକୁ ଚିତ୍ରଣ କରାଯାଇଛି। ଫିଲ୍ମରେ ପବନ କଲ୍ୟାଣଙ୍କ ବ୍ୟତୀତ ବବି ଦେଓଲ, ନିଧି ଅଗ୍ରୱାଲ, ନରଗିସ୍ ଫାଖରୀ ଓ ନୋରା ଫତେହୀ ପ୍ରମୁଖ କଳାକାର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ମେ' ୩୦ ତାରିଖରେ ତେଲୁଗୁ, ହିନ୍ଦୀ, ତାମିଲ, କନ୍ନଡ଼ ଓ ମାଲାୟାଲମ୍ ଭାଷାରେ ମୁକ୍ତିଲାଭ କରିବ ଏହି ଚଳଚ୍ଚିତ୍ର।


କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik